# ହଲ୍‌ବା ଭାଷା ଶିକ୍ଷଣ ପୁସ୍ତିକା

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର

# ହଲ୍‌ବା ଭାଷା ଶିକ୍ଷଣ ପୁସ୍ତିକା

ସଂକଳନ

ଡଃ ରାଜେନ୍ଦ୍ର ପାଢୀ

ନିର୍ଦ୍ଦେଶକ

ଡ଼ଃ ଅନନ୍ତ ଚରଣ ସାହୁ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

ହଲ୍‌ବା ଭାଷା ଶିକ୍ଷଣ ପୁସ୍ତିକା

*ସଂକଳନ* : ଡଃ ରାଜେନ୍ଦ୍ର ପାଢୀ

©*ପ୍ରକାଶକ* : ନିର୍ଦ୍ଦେଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଆଦିବାସୀ ପ୍ରଦର୍ଶନୀ ପ୍ରାନ୍ତର
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯

*ପ୍ରଥମ ପ୍ରକାଶ* : ମଇ ୨୦୦୬

*ମୁଦ୍ରଣ* : ଭୋଲାନାଥ ପ୍ରେସ୍,
୧୨୦୧/୧୬୦୧, ବମିଖାଲ,
ଭୁବନେଶ୍ୱର - ୭୫୧୦୧୦

*ମୂଲ୍ୟ* : ୧୫.୦୦ ଟଙ୍କା ମାତ୍ର

**HALBA BHASHA SIKSHYANA PUSTIKA**

**Compilation :** **Dr. Rajendra Padhi**

©***Publisher :*** Director
Academy of Tribal Dialects & Culture
Adivasi Exhibition Ground
Unit - I, Bhubaneswar - 751 009

**First Edition :** May 2006

**Printed at :** Bholanath Press
1201/1601, Bomikhal,
Bhubaneswar - 751010

Price : Rs. 15.00 Only

# ମୁଖବନ୍ଧ

ଜନଜାତି ବହୁଳ ରାଜ୍ୟ ଭାବରେ ଓଡ଼ିଶା ଭାରତରେ ପ୍ରମୁଖ ସ୍ଥାନ ଗ୍ରହଣ କରିଛି । ଓଡ଼ିଶାରେ ୬୨ ପ୍ରକାରର ଜନଜାତି ବସବାସ କରି ଆସୁଛନ୍ତି ଯାହା ଓଡ଼ିଶାର ସାମଗ୍ରିକ ଜନସଂଖ୍ୟାର ୨୨.୨୧ ଭାଗ । ୧୯୯୧ ଜନଗଣନା ଅନୁସାରେ ଏମାନଙ୍କର ସଂଖ୍ୟା ୭୦,୩୨,୨୧୪ । ଓଡ଼ିଶାର ଜନଜାତିମାନେ ତିନିଭାଷା ପରିବାରର ଅନ୍ତର୍ଭୁକ୍ତ ଏବଂ ସେମାନଙ୍କର ଭାଷା ନିମ୍ନମତେ ବର୍ଗୀକୃତ ।

୧. ଗୋଷ୍ଠୀ ପରିଚୟ ଥାଇ ସ୍ୱବର୍ଗୀୟ ଭାଷା, ୨. ଗୋଷ୍ଠୀ ପରିଚୟ ଥାଇ ପରବର୍ଗୀୟ ଭାଷା, ୩. ଗୋଷ୍ଠୀ ପରିଚୟ ନଥାଇ ମୌଳିକ ଭାଷା ବା ସଂଯୋଜକ ଭାଷା ।

ପ୍ରଥମ ଗୋଷ୍ଠୀ ଅଧୀନରେ ସାନ୍ତାଳ, ମୁଣ୍ଡା, ଜୁଆଙ୍ଗ, ବଣ୍ଡା, କୁଇ, କୁଭି ଓ ଓରାଓଁ ପ୍ରମୁଖ ଅନ୍ତର୍ଭୁକ୍ତ ହେଉଥିବା ବେଳେ, ଦ୍ୱିତୀୟ ଗୋଷ୍ଠୀ ଅଧୀନରେ ବାଥୁଡ଼ି, ଭୂୟାଁ, ଭତ୍ରା, ହଲ୍‌ବା, ବିଂଝିଆ, ଭୂମିଆ ଓ ପରଜା ପ୍ରମୁଖ ଅନ୍ତର୍ଭୁକ୍ତ । ଅତୀତରେ ଏମାନଙ୍କର ନିଜସ୍ୱ ମୌଳିକ ଭାଷା ବିଦ୍ୟମାନ ଥିଲା । ସେମାନଙ୍କ ନିଜସ୍ୱ ଭାଷା ବିବର୍ତ୍ତିତ ହୋଇ କାଳକ୍ରମେ ଲୋପ୍ ପାଇଯାଇଛି ଏବଂ ପରବର୍ଗୀୟ ଭାଷା ସେମାନଙ୍କର ନିଜସ୍ୱ ଭାଷା ହିସାବରେ ଅନ୍ତର୍ଭୁକ୍ତ ହୋଇଛି । ତୃତୀୟ ଗୋଷ୍ଠୀରେ କୌଣସି ନିର୍ଦ୍ଦିଷ୍ଟ ବର୍ଗ ସମ୍ପୃକ୍ତ ନଥିଲେ ସୁଦ୍ଧା ଅର୍ନ୍ତଗୋଷ୍ଠୀୟ ସ୍ତରରେ, ଦୁଇ ଭିନ୍ନ ଭାଷାଭାଷୀ ଗୋଷ୍ଠୀର ଜନସମୁଦାୟ, ଏକ ତୃତୀୟ ଭାଷାକୁ ଯୋଗାଯୋଗର ଭାଷା ହିସାବରେ ଗ୍ରହଣ କରି ନେଇଛନ୍ତି । ଏହି ଭାଷା ସଂଯୋଜକ ଭାଷା ବା Lingua Franca । ଏହି Lingua Franca ଅଧୀନରେ ଓଡ଼ିଶାର ପଶ୍ଚିମ-ଉତ୍ତରାଞ୍ଚଳର କଥିତ ସାଦ୍ରୀଭାଷା ତଥା ଦକ୍ଷିଣାଞ୍ଚଳର କଥିତ ଦେଶିଆ ଭାଷା ପ୍ରଧାନ । ଏହି ଭାଷା ଦ୍ୱୟ କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀର ମାତୃଭାଷା ହୋଇନଥିଲେ ସୁଦ୍ଧା ସମ୍ପୃକ୍ତ ଅଞ୍ଚଳର ଅଧିକାଂଶ ଲୋକଙ୍କ ଯୋଗାଯୋଗର ଭାଷା ହିସାବରେ ପ୍ରଚଳିତ । ଏହି ସଂଯୋଜକ ଭାଷାଗୁଡ଼ିକରେ ମାନଙ୍କରେ ମଧ୍ୟ ସମୃଦ୍ଧ ଲୋକ ସାହିତ୍ୟ ଏବଂ ଉନ୍ନତ ବ୍ୟାକରଣ ରହିଛି ।

ଓଡ଼ିଶାର ଜନଜାତି ସମାଜ ତ୍ରିବିଧ ପ୍ରମୁଖ ଜନଜାତି ପରିବାରର ଅନ୍ତର୍ଭୁକ୍ତ ; ଯଥା : ଆଷ୍ଟ୍ରିକ (ମୁଣ୍ଡା), ଦ୍ରାବିଡ ଓ ଭାରତୀୟ ଆର୍ଯ୍ୟ । ପ୍ରତ୍ୟେକ ଜନଜାତି ପରିବାରର ଭାଷା ସ୍ୱତନ୍ତ୍ର ଏବଂ ପ୍ରତ୍ୟେକ ପରିବାର ଅନ୍ତର୍ଭୁକ୍ତ ଗୋଷ୍ଠୀଗୁଡ଼ିକର ଭାଷା ମଧ୍ୟ ଭିନ୍ନ ଭିନ୍ନ । ବର୍ତ୍ତମାନ ପ୍ରାୟ ୨୨ ରୁ ଅଧିକ ଜନଜାତି ନିଜର ମାତୃଭାଷା

ବ୍ୟବହାର କରୁଥିଲାବେଳେ ଅବଶିଷ୍ଟ ଜନଜାତି ସ୍ଥାନୀୟ ଓଡ଼ିଆ ଉପ-ଭାଷାଗୁଡ଼ିକୁ ନିଜର ପ୍ରଥମ ଭାଷା ରୂପେ ଗ୍ରହଣ କରି ନେଉଛନ୍ତି । ତେବେ ଓଡ଼ିଶାର ଜନଜାତିଙ୍କ ଭିତରେ ନିମ୍ନଲିଖିତ ଭାଷା ଓ ଉପଭାଷା ପ୍ରଚଳିତ ।

**ମୁଣ୍ଡା :** ଭୂମିଜ, ବିରହୋର୍, ରେମ (ବଣ୍ଡା), ଗତାଃ (ଡ଼ିଡାୟୀ), ଗୁତବ୍ (ଗଦବା), ସୋରା (ସଉରା), ଗୋରୁମ୍ (ପାରେଙ୍ଗା), ଖଡିଆ, ଜୁଆଙ୍ଗ, ସାନ୍ତାଳୀ, ହୋ, ମୁଣ୍ଡାରୀ, ମାହାଲୀ ଇତ୍ୟାଦି ।

**ଦ୍ରାବିଡ଼ :** ଗଣ୍ଡି, କଣ୍ଡା, କୁଇ-କନ୍ଧ, 'କୁଭି-କନ୍ଧ, କିସାନ, କୋୟା, କୋଲାମା, ନାଇକୀ, ଓଲାରୀ, ପାର୍ଜୀ, ପେଙ୍ଗ, କୁଡୁଖ୍ (ଓରାଓଁ) ଇତ୍ୟାଦି ।

**ଭାରତୀୟ ଆର୍ଯ୍ୟ :** ବାଥୁଡ଼ି, ଭୂୟାଁ, କୁରମାଳୀ, ସାଉଁତି, ସାଦ୍ରୀ, କନ୍ଧାନ୍, ଅଘ୍ରିଆ, ଦେଶିଆ, ଝରିଆ, ହାଲ୍‌ବି, ଭତ୍ରା, ମାଟିଆ, ଭୁଞ୍ଜିଆ ଇତ୍ୟାଦି ।

ଏହିସବୁ ଭାଷା ମଧ୍ୟରୁ କେବଳ ଚାରୋଟି ଭାଷାରେ ଲିପି ବିକଶିତ ହୋଇଛି । ସେ ଚାରୋଟି ଲିପି ହେଉଛି – ସାନ୍ତାଳୀ (ଅଲ୍‌ଚିକି), ସଉରା (ସୋରାଂ ସୋମ୍‌ପେଙ୍), ହୋ (ୱାରାଂଚିତି), ଏବଂ କୁଇ (କୁଇ ଲିପି) । ଏଥି ମଧ୍ୟରୁ ସାନ୍ତାଳୀ ଓ ସଉରା ଲିପିରେ ବହିପତ୍ର ମୁଦ୍ରଣ ହୋଇଛି । ଇତି ମଧ୍ୟରେ ସାନ୍ତାଳୀ ଭାଷା ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ ହୋଇ ସ୍ୱୀକୃତି ଲାଭ କରିସାରିଛି । ଅନ୍ୟ ଆଦିବାସୀ ଭାଷାରେ ଯାହା ସାହିତ୍ୟ ଲେଖାଯାଉଛି ତାହା ରୋମାନ୍, ଦେବନାଗରୀ, ବଙ୍ଗଳା, ତେଲୁଗୁ, ଓଡ଼ିଆ ପ୍ରଭୃତି ଲିପିରେ ପ୍ରକାଶ ପାଉଛି ।

ଓଡ଼ିଶାରେ ସରକାରୀ ବ୍ୟବସ୍ଥାରେ ଓଡ଼ିଆ ଭାଷା ଏକ ମାଧ୍ୟମ । ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାଠାରୁ ଆରମ୍ଭ କରି କର୍ମକ୍ଷେତ୍ର ପର୍ଯ୍ୟନ୍ତ ଏହାର ପ୍ରୟୋଗ ରହିଛି । ଆଦିବାସୀମାନେ ସେମାନଙ୍କ ଭାଷା ବ୍ୟତିରେକ ଓଡ଼ିଆ ଭାଷା ସହିତ ପରିଚିତ ନଥିବାରୁ ଅନେକ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାକୁ ସେମାନଙ୍କ ନିକଟରେ ପହଞ୍ଚାଇବା ସମୟରେ ସରକାରଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଫଳତଃ ଉନ୍ନୟନମୂଳକ ଯୋଜନାର ରୂପାୟନ ସମ୍ଭବ ହୋଇପାରେ ନାହିଁ । ଏହାକୁ ଦୃଷ୍ଟିରେ ରଖି ଆଦିବାସୀ ଲୋକମାନଙ୍କ ପାଖରେ ଉନ୍ନୟନ ଯୋଜନା ଓ ଶିକ୍ଷା ବ୍ୟବସ୍ଥାକୁ ପହଞ୍ଚାଇବାକୁ ସରକାର ଆଦିବାସୀ ଅଞ୍ଚଳରେ କାମ କରୁଥିବା ବିଭିନ୍ନ ବିଭାଗର କର୍ମଚାରୀ ତଥା ଶିକ୍ଷକମାନଙ୍କୁ ସମ୍ପୃକ୍ତ ଅଞ୍ଚଳର ଆଦିବାସୀଭାଷାରେ ତାଲିମ୍ ଦେବାର ବ୍ୟବସ୍ଥା ପ୍ରବର୍ତ୍ତନ କରିଛନ୍ତି ।

ଆଦିବାସୀ ଭାଷାରେ ତାଲିମ ପାଇ ଜଣେ କର୍ମଚାରୀ ଆଦିବାସୀମାନଙ୍କର ନିକଟତର ହୋଇପାରିବ ଏବଂ ଉନ୍ନୟନ ଯୋଜନାର ସଫଳ ରୂପାୟନ ପାଇଁ ସକ୍ଷମ ହୋଇପାରିବ । ସରକାରଙ୍କର ଏହି ଆଭିମୂଖ୍ୟକୁ ଦୃଷ୍ଟିରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଉପଯୋଜନା ଅଞ୍ଚଳରେ ବିଭିନ୍ନ ପ୍ରମୁଖ ଆଦିବାସୀ ଭାଷାଗୁଡ଼ିକରେ ଭାଷା ପ୍ରଶିକ୍ଷଣ କେନ୍ଦ୍ରମାନ ସ୍ଥାପନ କରି ସ୍ଥାନୀୟ ସରକାରୀ କର୍ମଚାରୀ ଏବଂ ଶିକ୍ଷକମାନଙ୍କୁ ତାଲିମ୍ ପ୍ରଦାନ କରିଆସୁଛି । ତାଲିମ୍ ବ୍ୟବସ୍ଥାକୁ ସହଜ ଏବଂ ସଫଳ କରିବା ପାଇଁ ଏକ ସହାୟକ ପୁସ୍ତିକା ଏକାଡ଼େମୀ ପ୍ରସ୍ତୁତ କରିଛି । ଏହି ପୁସ୍ତିକା ପ୍ରମୁଖ ଆଦିବାସୀ ଭାଷାମାନଙ୍କରେ ରଚିତ । ବ୍ୟାକରଣ, ରଚନାବଳୀ ଏବଂ ଶବ୍ଦକୋଷ ସମ୍ଭାରରେ ସମୃଦ୍ଧ । ଭାଷା ପ୍ରଶିକ୍ଷଣ ସମୟରେ ଏହି ପୁସ୍ତିକାକୁ ଆଧାରକରି ପ୍ରଶିକ୍ଷଣ ଦିଆଯାଉଥିଲେ ସୁଦ୍ଧା ସୀମିତ ସମୟ ମଧ୍ୟରେ ଭାଷା ଶିକ୍ଷା ସହଜସାଧ୍ୟ ନୁହେଁ । ତେଣୁ ସମୟୋପଯୋଗୀ ଭାଷାର ଦୈନନ୍ଦିନ ବ୍ୟବହାରକୁ ନେଇ ଉନ୍ନୟନ ପ୍ରାଧିକାରୀ ଏବଂ ଜନଜାତି ଗୋଷ୍ଠୀଙ୍କ ସହ ସମୁଚିତ ଭାବେ ଭାବଗତ ଆଦାନ ପ୍ରଦାନର ମାଧ୍ୟମ ହିସାବରେ ଭାଷା ଶିକ୍ଷାର ଆବଶ୍ୟକତାକୁ ଲକ୍ଷ୍ୟକରି ଏକ ସରଳ ଭାଷା ଶିକ୍ଷଣ ପୁସ୍ତିକାର ପରିକଳ୍ପନା କରାଯାଇଛି । ଏଥିରେ ନିତି ପ୍ରତିଦିନ ପ୍ରଜାତିକ ଗୋଷ୍ଠୀ ସହ ହେଉଥିବା ଆଳାପ ଆଲୋଚନାକୁ କେତୋଟି ସରଳବାକ୍ୟ ଛଳରେ ସିଧାସଳଖ ଉଦାହରଣ ହିସାବରେ ଦର୍ଶାଯାଇଛି । ଫଳତଃ ଉନ୍ନୟନ ବ୍ୟବସ୍ଥା ଏବଂ ପ୍ରଜାତିକ ଜନଗୋଷ୍ଠୀର ମାନସିକତା ସହ ଉଭୟେ ପରିଚିତ ହେବେ, ଆନ୍ତରିକତା ବଢିବା ସଙ୍ଗେ ସଙ୍ଗେ ପ୍ରତି ପ୍ରତ୍ୟେକଙ୍କ ସହ ବିଶ୍ୱାସ ଭାଜନ ହେବେ । ବିଶ୍ୱାସଟିଏ ପ୍ରତିଷ୍ଠିତ ହୋଇଗଲେ ଯୋଜନା ରୂପାୟନ କରିବା ସହଜ ସାଧ୍ୟ ହୁଏ । ଏହି ବିଶ୍ୱାସକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଶିକ୍ଷଣ ପୁସ୍ତିକା ପ୍ରସ୍ତୁତ କରାଯାଇଛି । ପ୍ରସ୍ତୁତ "ହଲ୍‌ବା ଭାଷା ଶିକ୍ଷଣ ପୁସ୍ତିକା" ତନ୍ମଧ୍ୟରୁ ଅନ୍ୟତମ ।

ଏହି ପୁସ୍ତିକାକୁ ସଂକଳନ କରିବାରେ ଡ଼ଃ ରାଜେନ୍ଦ୍ର ପାଢୀ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ପୁସ୍ତିକା ପ୍ରକାଶନ ଅବସରରେ ଏକାଡ଼େମୀ ତାଙ୍କ ନିକଟରେ କୃତଜ୍ଞ ।

ଅନନ୍ତ ଚରଣ ସାହୁ
ନିର୍ଦ୍ଦେଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଭୁବନେଶ୍ୱର

## ସୂଚୀପତ୍ର


| କ୍ର.ସଂ | ବିଷୟ | ପୃଷ୍ଠା |
|---|---|---|
| I. | ମୁଖବନ୍ଧ | |
| II. | ଉପକ୍ରମଣିକା | |
| ୧. | ସର୍ବନାମ ଏବଂ ଏହାର ପ୍ରୟୋଗ | ୧-୭ |
| ୨. | ଶରୀରର ବିଭିନ୍ନ ଅଂଶର ନାମ | ୮-୧୦ |
| ୩. | ପ୍ରାକୃତିକ ନାମ | ୧୧-୧୨ |
| ୪. | ବିଭିନ୍ନ ପ୍ରକାର ଜମିର ନାମ | ୧୨ |
| ୫. | ବିଭିନ୍ନ ପ୍ରକାର ଶସ୍ୟ ଓ ଫୁଲର ନାମ | ୧୩-୧୪ |
| ୬. | ଘରର ବିବରଣୀ | ୧୫ |
| ୭. | ବିଭିନ୍ନ ପ୍ରକାର ଗଛର ନାମ | ୧୬-୧୭ |
| ୮. | କୃଷି ସରଞ୍ଜାମ | ୧୮ |
| ୯. | ବାର, ମାସ ଏବଂ ଋତୁ | ୧୯ |
| ୧୦. | ସାଧାରଣ କ୍ରିୟା | ୨୦-୨୩ |
| ୧୧. | କାଳ : ବର୍ତ୍ତମାନ, ଅତୀତ, ଭବିଷ୍ୟତ | ୨୪-୩୨ |
| ୧୨. | ସାଧାରଣ ବାକ୍ୟାବଳୀ | ୩୩-୮୯ |
| ୧୩. | କେତେକ ଶିଷ୍ଟାଚାର ଶବ୍ଦ ଏବଂ ବାକ୍ୟାଂଶ | ୯୦-୯୧ |
| ୧୪. | ଆଦେଶ / ଅନୁଜ୍ଞା ବାକ୍ୟାବଳୀ | ୯୨-୯୬ |

# ଉପକ୍ରମଣିକା

ଓଡ଼ିଶାରେ ବସବାସ କରୁଥିବା ଜନଜାତି ଆର୍ଯ୍ୟ, ଦ୍ରାବିଡ, ମୁଣ୍ଡା ଭେଦରେ ତ୍ରିବିଧ ଗୋଷ୍ଠୀରେ ଅନ୍ତର୍ଭୁକ୍ତ । ଏମାନେ ସାରା ଓଡ଼ିଶାରେ ବସବାସ କରୁଥିଲେ ମଧ୍ୟ ଦକ୍ଷିଣାଞ୍ଚଳ, ପଶ୍ଚିମାଞ୍ଚଳ ଏବଂ ଉତ୍ତର-ପଶ୍ଚିମାଞ୍ଚଳରେ ମୁଖ୍ୟତଃ କେନ୍ଦ୍ରୀଭୂତ । ଏହି ଜନଜାତିମାନଙ୍କ ମଧ୍ୟରୁ ହଲବା ଜାତି ଅନ୍ୟତମ । ୧୯୯୧ ଜନସୁମାରୀ ହିସାବରେ ଏମାନଙ୍କ ସଂଖ୍ୟା ୧୩୬୬୨ । ଏମାନେ ଓଡ଼ିଶାର ମୁଖ୍ୟତଃ ଅବିଭକ୍ତ କୋରାପୁଟ ଏବଂ କଳାହାଣ୍ଡି ଜିଲ୍ଲାରେ ବସବାସ କରନ୍ତି । ଓଡ଼ିଶା ଛଡା ଛତିଶଗଡର ବସ୍ତର ଅଞ୍ଚଳରେ ମଧ୍ୟ ଏମାନଙ୍କର ଜନବସତି ଦେଖାଯାଏ । ଏମାନଙ୍କ ନିଜସ୍ୱ ମାତୃଭାଷା ହଲବୀରେ ଭାବର ପରିପ୍ରକାଶ ହେଉଥିଲେ ସୁଦ୍ଧା ଓଡ଼ିଶାରେ ବସବାସ କରୁଥିବା ହଲବାମାନେ ଭଲରେ ଓଡ଼ିଆରେ ଭାବର ଆଦାନ ପ୍ରଦାନ କରିଥାନ୍ତି । ହଲବାମାନଙ୍କୁ ତିନୋଟି ମୁଖ୍ୟ ଉପଗୋଷ୍ଠୀରେ ବିଭକ୍ତ କରାଯାଏ । ସେହି ଉପଗୋଷ୍ଠୀ ଗୁଡିକ ହେଲା: ବସ୍ତରିଆ, ଛତିଶଗଡିଆ ଏବଂ ମରାଠିଆ । ଓଡ଼ିଶାର ହଲବାମାନେ ନିଜକୁ ମରାଠିଆ ଶାଖାର ହଲବା ବୋଲି ପରିଚିତ କରାଇଥାନ୍ତି । ଏମାନେ ଭାରତୀୟ ଆର୍ଯ୍ୟଗୋଷ୍ଠୀ ଅନ୍ତର୍ଭୁକ୍ତ ଏବଂ ଦକ୍ଷିଣାଞ୍ଚଳୀୟ ଓଡ଼ିଆ ସହ ସମ୍ବନ୍ଧୀତ । ନିମ୍ନ ନକ୍ସାରେ ହାଲବୀ ଭାଷାର ସ୍ଥିତି ଦର୍ଶାଗଲା ।



# ସୂଚୀପତ୍ର


| କ୍ର.ସଂ | ବିଷୟ | ପୃଷ୍ଠା |
|---|---|---|
| I. | ମୁଖବନ୍ଧ | |
| II. | ଉପକ୍ରମଣିକା | |
| ୧. | ସର୍ବନାମ ଏବଂ ଏହାର ପ୍ରୟୋଗ | ୧-୭ |
| ୨. | ଶରୀରର ବିଭିନ୍ନ ଅଂଶର ନାମ | ୮-୧୦ |
| ୩. | ପ୍ରାକୃତିକ ନାମ | ୧୧-୧୨ |
| ୪. | ବିଭିନ୍ନ ପ୍ରକାର ଜମିର ନାମ | ୧୨ |
| ୫. | ବିଭିନ୍ନ ପ୍ରକାର ଶସ୍ୟ ଓ ଫୁଲର ନାମ | ୧୩-୧୪ |
| ୬. | ଘରର ବିବରଣୀ | ୧୫ |
| ୭. | ବିଭିନ୍ନ ପ୍ରକାର ଗଛର ନାମ | ୧୬-୧୭ |
| ୮. | କୃଷି ସରଞ୍ଜାମ | ୧୮ |
| ୯. | ବାର, ମାସ ଏବଂ ଋତୁ | ୧୯ |
| ୧୦. | ସାଧାରଣ କ୍ରିୟା | ୨୦-୨୩ |
| ୧୧. | କାଳ : ବର୍ତ୍ତମାନ, ଅତୀତ, ଭବିଷ୍ୟତ | ୨୪-୩୨ |
| ୧୨. | ସାଧାରଣ ବାକ୍ୟାବଳୀ | ୩୩-୮୯ |
| ୧୩. | କେତେକ ଶିଷ୍ଟାଚାର ଶବ୍ଦ ଏବଂ ବାକ୍ୟାଂଶ | ୯୦-୯୧ |
| ୧୪. | ଆଦେଶ / ଅନୁଜ୍ଞା ବାକ୍ୟାବଳୀ | ୯୨-୯୬ |

# ଉପକ୍ରମଣିକା

ଓଡ଼ିଶାରେ ବସବାସ କରୁଥିବା ଜନଜାତି ଆର୍ଯ୍ୟ, ଦ୍ରାବିଡ, ମୁଣ୍ଡା ଭେଦରେ ତ୍ରିବିଧ ଗୋଷ୍ଠୀରେ ଅନ୍ତର୍ଭୁକ୍ତ । ଏମାନେ ସାରା ଓଡ଼ିଶାରେ ବସବାସ କରୁଥିଲେ ମଧ ଦକ୍ଷିଣାଞ୍ଚଳ, ପଶ୍ଚିମାଞ୍ଚଳ ଏବଂ ଉତ୍ତର-ପଶ୍ଚିମାଞ୍ଚଳରେ ମୁଖ୍ୟତଃ କେନ୍ଦ୍ରୀଭୂତ । ଏହି ଜନଜାତିମାନଙ୍କ ମଧ୍ୟରୁ ହଲ୍‌ବା ଜାତି ଅନ୍ୟତମ । ୧୯୯୧ ଜନସୁମାରୀ ହିସାବରେ ଏମାନଙ୍କ ସଂଖ୍ୟା ୧୩୬୬୨ । ଏମାନେ ଓଡ଼ିଶାର ମୁଖ୍ୟତଃ ଅବିଭକ୍ତ କୋରାପୁଟ ଏବଂ କଳାହାଣ୍ଡି ଜିଲ୍ଲାରେ ବସବାସ କରନ୍ତି । ଓଡ଼ିଶା ଛଡ଼ା ଛତିଶଗଡର ବସ୍ତର ଅଞ୍ଚଳରେ ମଧ ଏମାନଙ୍କର ଜନବସତି ଦେଖାଯାଏ । ଏମାନଙ୍କ ନିଜସ୍ୱ ମାତୃଭାଷା ହଲ୍‌ବୀରେ ଭାବର ପରିପ୍ରକାଶ ହେଉଥିଲେ ସୁଦ୍ଧା ଓଡ଼ିଶାରେ ବସବାସ କରୁଥିବା ହଲ୍‌ବାମାନେ ଭଲରେ ଓଡ଼ିଆରେ ଭାବର ଆଦାନ ପ୍ରଦାନ କରିଥାନ୍ତି । ହଲ୍‌ବାମାନଙ୍କୁ ତିନୋଟି ମୁଖ୍ୟ ଉପଗୋଷ୍ଠୀରେ ବିଭକ୍ତ କରାଯାଏ । ସେହି ଉପଗୋଷ୍ଠୀ ଗୁଡିକ ହେଲା: ବସ୍ତରିଆ, ଛତିଶଗଡିଆ ଏବଂ ମରାଠିଆ । ଓଡ଼ିଶାର ହଲ୍‌ବାମାନେ ନିଜକୁ ମରାଠିଆ ଶାଖାର ହଲ୍‌ବା ବୋଲି ପରିଚିତ କରାଇଥାନ୍ତି । ଏମାନେ ଭାରତୀୟ ଆର୍ଯ୍ୟଗୋଷ୍ଠୀ ଅନ୍ତର୍ଭୁକ୍ତ ଏବଂ ଦକ୍ଷିଣାଞ୍ଚଳୀୟ ଓଡ଼ିଆ ସହ ସମ୍ବନ୍ଧୀତ । ନିମ୍ନ ନକ୍‌ସାରେ ହାଲ୍‌ବୀ ଭାଷାର ସ୍ଥିତି ଦର୍ଶାଗଲା ।



ହଲ୍‌ବାମାନେ ଆର୍ଯ୍ୟାନୁଗ । ହିନ୍ଦୁଧାରାର ଦେବଦେବୀଙ୍କୁ ନିଜ ପରମ୍ପରାରେ ସାମିଲ କରିଛନ୍ତି । ଏପରିକି ହିନ୍ଦୁ ରୀତିନୀତି ମଧ୍ୟ ତାଙ୍କ ସଂସ୍କୃତି ଅନ୍ତର୍ଭୁକ୍ତ ହୋଇସାରିଛି । ତେବେ ପ୍ରଜାତିକ ପରଂପରା ସହିତ ଏମାନଙ୍କ ସହଜାତ ସଂପର୍କ ରହିଛି ।

ହାଲ୍‌ବୀ ଭାଷା ଦେଶିଆ-ଭତ୍ରୀ ସହିତ ସମ୍ବନ୍ଧାୟୀତ ହୋଇଥିଲେ ମଧ୍ୟ ଏମାନଙ୍କ ଭାଷାରେ ମରାଠୀ ଭାଷାର ଲକ୍ଷଣମାନ ପ୍ରକାଶ ପାଇଥାଏ । ତେଣୁ ମରହଟ୍ଟାମାନଙ୍କର ଓଡ଼ିଶା ଆଗମନ ସହିତ ଏମାନଙ୍କର ସଂପର୍କ ସୂତ୍ର ରହିଥିବା ମନେହୁଏ । ହଲ୍‌ବା ଭାଷାରେ ଲୋକସାହିତ୍ୟ ଖୁବ୍ ସମୃଦ୍ଧ । ବିଶେଷତଃ ଛତିଶଗଡ଼ର ହଲ୍‌ବାମାନଙ୍କର ଲୋକ ପରଂପରା ଖୁବ୍ ଉନ୍ନତ ।

ଭାଷା ଶିକ୍ଷଣ ପକ୍ରିୟା ଏକ ଜଟିଳ ପଦ୍ଧତି । କିନ୍ତୁ ଥରେ ଆୟତ୍ତ ହୋଇଗଲେ ଶିକ୍ଷଣ ପଦ୍ଧତି ସରଳ ହୋଇଯାଏ । ଏହି ପଦ୍ଧତି ଆଉ କିପରି ସରଳତର ହେବ ତାହା ପାଠକୀୟ ଆବେଦନ ଉପରେ ନିର୍ଭର କରେ । ଏହି ସଂକଳନଟି ଏକ ପ୍ରାଥମିକ ପଦକ୍ଷେପ । ପାଠକଙ୍କ ମତାମତ ଲାଭ କଲାପରେ ଏକାଡେମୀ ଏହି ପୁସ୍ତିକାକୁ ପରିମାର୍ଜିତ କରିବାର ଯୋଜନା ରଖିବ ।

# PRONOUN ସର୍ବନାମ

| ଇଂରାଜୀ | ଓଡ଼ିଆ | ହାଲ୍‌ବୀ ରୂପ |
|---|---|---|
| I | ମୁଁ | ମୋୟଁ / ମୟଁ |
| We | ଆମ୍ଭେମାନେ | ଆମି |
| You | ତୁ | ତୁଇ |
| You | ତୁମେ | ତୁମିତୋ |
| You | ତୁମ୍ଭେମାନେ | ତୁମି ସବ୍‌ଲୋଗ୍ |
| He | ସେ (ପୁ) | ହୋନତ ଆଏ |
| She | ସେ (ସ୍ତ୍ରୀ) | ହୋନିତ୍ |
| It/This | ଏହା | ଏଇତୋ |
| They | ସେମାନେ ପୁ / ସ୍ତ୍ରୀ | ହୋନ୍ ଲୋଗ / ହୋନିଲୋଗ୍ |
| Thou | ତୁମ୍ଭେମାନେ | ତୁମି ସବ୍‌ଲୋଗ୍ |
| Thee | ତୋତେ | ତୁକେ |
| (To you) | ତୁମକୁ | ତୁମ୍‌ରେ |
| Me | ମୋତେ | ମକେ |
| You | ତୁମ୍ଭଙ୍କୁ / ତୁମ୍ଭମାନଙ୍କୁ | ତୁମ୍‌ରେ |
| His | ତାହାର | ହୋନ୍‌ରେ / ହୁନ୍‌ରେ |
| | ତାଙ୍କର | ହୋନ୍ ମନ୍‌ରେ |
| Her | ତାକୁ / ତାହାର | ହୋନିରେ / ମାହା |
| Him | ତାହାକୁ / ତାଙ୍କୁ | ହୋନିରେ |
| Us | ଆମ୍ଭମାନଙ୍କୁ | ଆମି ମନ୍‌କେ |

| ଇଂରାଜୀ | ଓଡ଼ିଆ | ହାଲବୀ ରୂପ |
|---|---|---|
| Them | ସେମାନଙ୍କୁ | ହୋନ୍ ମନ୍‌କେ |
| My | ମୋର | ମରେ |
| Your | ତୋର | ଇତ୍‌ରୋ |
| Your | ତୁମ୍ଭର / ତୁମ୍ଭମାନଙ୍କର | ତୁମ୍ ମନ୍‌ରେ / ତିହଁରେ |
| Our | ଆମ୍ଭର / ଆମ୍ଭମାନଙ୍କର | ଆମ୍‌ରେ |
| Their | ସେମାନଙ୍କର | ହୋନ୍ ମନ୍‌ରେ |
| Of thee | ଏମାନଙ୍କର | ଏମନ୍‌ରେ |
| Myself | ମୁଁ ନିଜେ | ମୋୟଁ ଖୁଦ୍ |
| Yourself | ତୁ ନିଜେ | ତୁଇ ଖୁଦ୍ |
| | ତୁମେ ନିଜେ | ତୁମରେ ଖୁଦ୍ |
| Himself | ସେ ନିଜେ | ହୋନ୍‌ତ ଖୁଦ୍ |
| Herself | ସେ ନିଜେ (ସ୍ତ୍ରୀ) | ହୋନିତ ଖୁଦ୍ |
| Ourselves | ଆମ୍ଭେମାନେ ନିଜେ | ଆମି ଖୁଦ୍ |
| Yourselves | ତୁମ୍ଭେମାନେ ନିଜେ | ତୁମନ୍‌ରେ ଖୁଦ୍ |
| Themselves | ସେମାନେ ନିଜେ | ହୋନ୍ ମନ୍‌ରେ ଖୁଦ୍ |
| These | ଏଗୁଡ଼ିକ / ଏସବୁ | ଏସବ୍ |
| Those | ସେଗୁଡ଼ିକ / ସେସବୁ | ହୋନ୍‌ସବ୍ / ତିହଁରେ |
| Who | କିଏ | କୋଅନ୍ (କୋନ୍) |
| What | କ'ଣ | କାୟ |
| Why | କାହିଁକି | କାୟକାଜେ |

| ଇଂରାଜୀ | ଓଡ଼ିଆ | ହାଲ୍‌ବୀ ରୂପ |
|---|---|---|
| Where | କେଉଁଠାରେ | କୋନ୍‌ଲଗେ |
| When | କେତେବେଳେ / କେବେ | ଏଦ୍‌ଲ ଦାଏଁ |
| Which | କେଉଁଟି | କୋନ୍‌ଟା |
| Whose | କାହାର | କାରେ |
| Whom | କାହାକୁ | କାହାକେ |
| How | କିପରି / କେତେ / କେମିତି | କସନ / କିତରୋ |
| Howmany | କେତେ ସଂଖ୍ୟକ | କିତ୍‌ରୋ |
| Howmuch | କେତେ ପରିମାଣ | କିତ୍‌ରୋ ଅଏଦେ |
| Here | ଏଇଠି | ଇ ଜାଗା |
| This | ଏହା | ଏଇ |
| Of these | ଏମାନଙ୍କର | ଇମନ୍‌ରେ |

# FIRST PERSON ପ୍ରଥମ ପୁରୁଷ

| ଏକବଚନ | | | |
|---|---|---|---|
| କାରକ | ବିଭକ୍ତି | ଓଡ଼ିଆ ରୂପ | ହାଲବୀ ରୂପ |
| କର୍ତ୍ତୃ କାରକ | ପ୍ରଥମା | ମୁଁ | ମୋୟଁ |
| କର୍ମ କାରକ | ଦ୍ୱିତୀୟା | ମୋତେ | ମକେ |
| କରଣ କାରକ | ତୃତୀୟା | ମୋ ଦ୍ୱାରା | ମୋନଚ୍ ସହାରା |
| ସଂପ୍ରଦାନ କାରକ | ଚତୁର୍ଥୀ | ମୋ ପାଇଁ | ମୋରକାଜେ |
| ଅପାଦାନ କାରକ | ପଞ୍ଚମୀ | ମୋ ଠାରୁ | ମୋର ଲଗ୍‌ଲେ |
| ସମ୍ବନ୍ଧ କାରକ | ଷଷ୍ଠୀ | ମୋର | ମୋଚ୍ |
| ଅଧିକରଣ କାରକ | ସପ୍ତମୀ | ମୋ ଠାରେ | ମୋର ଲଗେ |

| ଦ୍ୱିବଚନ | | ବହୁବଚନ | |
|---|---|---|---|
| ଓଡ଼ିଆ ରୂପ | ହାଲବୀ ରୂପ | ଓଡ଼ିଆ ରୂପ | ହାଲବୀ ରୂପ |
| ଆମ୍ଭେ ଦୁହେଁ | ଆମି ଦୁନୌଁୟ | ଆମ୍ଭେମାନେ | ଆମିରୈ |
| ଆମ୍ଭ ଦୁହିଁଙ୍କୁ | ଆମି ଦୁନୌଁୟକେ | ଆମ୍ଭମାନଙ୍କୁ | ଆମିମନକୁ |
| ଆମ୍ଭ ଦୁହିଁଙ୍କଦ୍ୱାରା | ଆମି ଦୁନୌଁୟସହାରା | ଆମ୍ଭମାନଙ୍କ ଦ୍ୱାରା | ଆମ୍‌ରୈ ସହାରା |
| ଆମ୍ଭ ଦୁହିଁଙ୍କପାଇଁ | ଆମି ଦୁନୌଁୟ କାଜେ | ଆମ୍ଭମାନଙ୍କ ପାଇଁ | ଆମରୈକାଜେ |
| ଆମ୍ଭ ଦୁହିଁଙ୍କଠାରୁ | ଆମି ଦୁନୌଁୟଲଗ୍‌ଲେ | ଆମ୍ଭମାନଙ୍କଠାରୁ | ଆମ୍‌ରୈ ଲଗ୍‌ଲେ |
| ଆମ୍ଭ ଦୁହିଁଙ୍କର | ଆମି ଦୁନୋୟଚ୍ | ଆମ୍ଭମାନଙ୍କର | ଆମିମନ୍‌ରୈ |
| ଆମ୍ଭଦୁହିଁଙ୍କଠାରେ | ଆମ୍‌ରୈଲଗେ | ଆମ୍ଭମାନଙ୍କଠାରେ | ଆମ୍‌ରୈ ଲଗେ |

# SECOND PERSON ଦ୍ୱିତୀୟ ପୁରୁଷ

| ଏକବଚନ | | | |
|---|---|---|---|
| କାରକ | ବିଭକ୍ତି | ଓଡ଼ିଆ ରୂପ | ହାଲ୍‌ବୀ ରୂପ |
| କର୍ତ୍ତୃ କାରକ | ପ୍ରଥମା | ତୁ / ତୁମେ | ତୁଇ / ତୁଇତୋ |
| କର୍ମ କାରକ | ଦ୍ୱିତୀୟା | ତୋତେ / ତୁମକୁ | ତୁକେ/ ତୁମ୍‌କେ |
| କରଣ କାରକ | ତୃତୀୟା | ତୋ ଦ୍ୱାରା /ତୁମ ଦ୍ୱାରା | ତୋର ସହାରା / ତୁମ୍‌ରେ ସହାରା |
| ସଂପ୍ରଦାନ କାରକ | ଚତୁର୍ଥୀ | ତୋ ପାଇଁ/ତୁମ ପାଇଁ | ତୋର କାଜେ / ତୁରେ କାଜେ |
| ଅପାଦାନ କାରକ | ପଞ୍ଚମୀ | ତୋ ଠାରୁ/ତୁମଠାରୁ | ତୋଇ ଲଗ୍‌ଲେ ତୁରେ ଲଗ୍‌ଲେ |
| ସମ୍ବନ୍ଧ କାରକ | ଷଷ୍ଠୀ | ତୋର/ ତୁମର | ତିରେ /ତୁମ୍‌ରେ |
| ଅଧିକରଣ କାରକ | ସପ୍ତମୀ | ତୋ ଠାରୁ ତୁମଠାରେ | ତୋର ସଙ୍ଗେ/ ତୁମ୍‌ରେ ସଙ୍ଗେ |

| ଦ୍ୱିବଚନ | | ବହୁବଚନ | |
|---|---|---|---|
| ଓଡ଼ିଆ ରୂପ | ହାଲବୀ ରୂପ | ଓଡ଼ିଆ ରୂପ | ହାଲ୍‌ବୀ ରୂପ |
| ତୁମେ ଦୁହେଁ | ତୁମ୍ ଦୁନୌଁୟ | ତୁମ୍ଭେମାନେ | ତୁଇତୋ |
| ତୁମ୍ଭ ଦୁହିଁଙ୍କୁ | ତୁମ୍ ଦୁନେଁୟକେ | ତୁମ୍ଭମାନଙ୍କୁ | ତୁମି ସବ୍‌ଜନ |
| ତୁମ୍ଭ ଦୁହିଁଙ୍କଦ୍ୱାରା | ତୁମ୍ ରେ ଦୁନୌଁୟ ରେ ସହାରା | ତୁମ୍ଭମାନଙ୍କ ଦ୍ୱାରା | ତୁମ୍‌ରେ ସହାରା |
| ତୁମ୍ଭ ଦୁହିଁଙ୍କପାଇଁ | ତୁମରେ ଦୁନୌଁୟ କାଜେ | ତୁମ୍ଭମାନଙ୍କ ପାଇଁ | ତୁମ୍‌ରେ କାଜେ |
| ତୁମ୍ଭ ଦୁହିଁଙ୍କଠାରୁ | ତୁମରେ ଦୁନୌଁୟ ଲଗ୍‌ଲେ | ତୁମ୍ଭମାନଙ୍କଠାରୁ | ତୁମରେ ଲଗଲେ |
| ତୁମ୍ଭ ଦୁହିଁଙ୍କର | ତୁମ୍‌ରେଦୁନୌଁୟ | ତୁମ୍ଭମାନଙ୍କର | ତୁମ୍‌ରେ |
| ତୁମ୍ଭ ଦୁହିଁଙ୍କଠାରେ | ତୁମ୍ ରେ ଦୁନୌଁ ୟ ସଙ୍ଗେ | ତୁମ୍ଭମାନଙ୍କଠାରେ | ତୁମ୍‌ରେ ସଙ୍ଗେ |

# THIRD PERSON ତୃତୀୟପୁରୁଷ

| ଏକବଚନ | | | |
|---|---|---|---|
| କାରକ | ବିଭକ୍ତି | ଓଡ଼ିଆ ରୂପ | ହାଲ୍‌ବୀ ରୂପ |
| କର୍ତ୍ତୃ କାରକ | ପ୍ରଥମା | ସେ | ହୋନ୍ |
| କର୍ମ କାରକ | ଦ୍ୱିତୀୟା | ତାକୁ | ହୋନ୍‌ବେ |
| କରଣ କାରକ | ତୃତୀୟା | ତାହା ଦ୍ୱାରା | ହୋନ୍‌ଚ ସହାରା |
| ସଂପ୍ରଦାନ କାରକ | ଚତୁର୍ଥୀ | ତାହା ପାଇଁ | ହୋନ୍‌ଚ୍ କାଜେ |
| ଅପାଦାନ କାରକ | ପଞ୍ଚମୀ | ତାହା ଠାରୁ /ତାଙ୍କ ଠାରୁ | ହୋନଚ୍ ଲଗଲେ<br>ହୋନମନଚ୍ ଲଗ୍‌ଲେ |
| ସମ୍ବନ୍ଧ କାରକ | ଷଷ୍ଠୀ | ତାହାର /ତାଙ୍କର | ହୋନଚ /<br>ହୋନମନଚ |
| ଅଧିକରଣ କାରକ | ସପ୍ତମୀ | ତାହା ଠାରେ | ହୋନ୍‌ଚ୍‌ସଙ୍ଗେ |

| ଦ୍ୱିବଚନ | | ବହୁବଚନ | |
|---|---|---|---|
| ଓଡ଼ିଆ ରୂପ | ହାଲ୍‌ବୀ ରୂପ | ଓଡ଼ିଆ ରୂପ | ହାଲ୍‌ବୀ ରୂପ |
| ସେ ଦୁହେଁ | ହୋନ୍ ଦୁନୋଁୟ | ସେମାନେ | ହୋନିମନ |
| ସେ ଦୁହିଁଙ୍କୁ | ହୋନ୍ ଦୁନୋଁୟକେ | ସେମାନଙ୍କୁ | ହୋନିମନ୍‌କେ |
| ସେ ଦୁହିଁଙ୍କଦ୍ୱାରା | ହୋନ୍ ଦୁନୋଁୟ ସହାରା | ସେମାନଙ୍କ ଦ୍ୱାରା | ହୋନିମନ୍‌ଚ ସହାରା |
| ସେ ଦୁହିଁଙ୍କପାଇଁ | ହୋନ୍ ଦୁନୋଁୟ କାଜେ | ସେମାନଙ୍କ ପାଇଁ | ହୋନିମନଚ କାଜେ |
| ସେ ଦୁହିଁଙ୍କଠାରୁ | ହୋନ୍ ଦୁନୋଁୟ ଲଗ୍‌ଲେ | ସେମାନଙ୍କଠାରୁ | ହୋନିମନଚ ଲଗଲେ |
| ସେ ଦୁହିଁଙ୍କର | ହୋନ୍‌ଚ ଦୁନୋଁୟରାହା | ସେମାନଙ୍କର | ହୋନିମନଚ |
| ସେ ଦୁହିଁଙ୍କଠାରେ | ହୋନି ଦୁନୋଁୟସଙ୍ଗେ | ସେମାନଙ୍କଠାରେ | ଲୋନିମନ୍‌ଚସଙ୍ଗେ |

# କିଏ

| ଏକବଚନ | | | |
|---|---|---|---|
| କାରକ | ବିଭକ୍ତି | ଓଡ଼ିଆ ରୂପ | ହାଲ୍‌ବୀ ରୂପ |
| କର୍ତ୍ତୃ କାରକ | ପ୍ରଥମା | କିଏ | କୋନ୍ |
| କର୍ମ କାରକ | ଦ୍ୱିତୀୟା | କାହାକୁ | କାକେ |
| କରଣ କାରକ | ତୃତୀୟା | କାହା ଦ୍ୱାରା | କାଝେ ସହାରା |
| ସଂପ୍ରଦାନ କାରକ | ଚତୁର୍ଥୀ | କାହା ପାଇଁ | କାଝେ କାଜେ |
| ଅପାଦାନ କାରକ | ପଞ୍ଚମୀ | କାହାଠାରୁ | କାଝେ ଲଗ୍‌ଲେ |
| ସମ୍ବନ୍ଧ କାରକ | ଷଷ୍ଠୀ | କାହାର | କାଝେ |
| ଅଧିକରଣ କାରକ | ସପ୍ତମୀ | କାହାଠାରେ | କାଝେ ସଙ୍ଗେ |

| ବହୁବଚନ | | | |
|---|---|---|---|
| କାରକ | ବିଭକ୍ତି | ଓଡ଼ିଆ ରୂପ | ହାଲ୍‌ବୀ ରୂପ |
| କର୍ତ୍ତୃ କାରକ | ପ୍ରଥମା | କେଉଁମାନେ | କୋନ୍‌ଲୋଗ୍ ଆଏଁ |
| କର୍ମ କାରକ | ଦ୍ୱିତୀୟା | କେଉଁମାନଙ୍କୁ | କୋନ୍ ମନ୍‌କେ |
| କରଣ କାରକ | ତୃତୀୟା | କେଉଁମାନଙ୍କ ଦ୍ୱାରା | କୋନ୍ ମନ୍‌ଝେ ସହାରା |
| ସଂପ୍ରଦାନ କାରକ | ଚତୁର୍ଥୀ | କେଉଁମାନଙ୍କ ପାଇଁ | କୋନ୍ ଲୋଗ୍ କାଜେ |
| ଅପାଦାନ କାରକ | ପଞ୍ଚମୀ | କେଉଁମାନଙ୍କଠାରୁ | କାଝେ ଲଗଲେ |
| ସମ୍ବନ୍ଧ କାରକ | ଷଷ୍ଠୀ | କେଉଁମାନଙ୍କର | କୋନ୍ ମୁନୁଷ ଝେଁ |
| ଅଧିକରଣ କାରକ | ସପ୍ତମୀ | କେଉଁମାନଙ୍କଠାରେ | କୋନ୍ ମୁନୁଷ ସଙ୍ଗେ |

# PARTS OF THE BODY
## ଶରୀରର ଅଙ୍ଗପ୍ରତ୍ୟଙ୍ଗ

| ଇଂରାଜୀ | ଓଡ଼ିଆ | ହାଲ୍‌ବୀ ରୂପ |
|---|---|---|
| Head and Trunk | ମୁଣ୍ଡ ଓ ଗଣ୍ଡି | ମୁଣ୍ଡ ଅଉର୍ ଦେହେଁ |
| Face | ମୁହଁ | ଚେହେଡ଼ା / ମାହାଁ |
| Mouth | ପାଟି | ଚୋଣ୍ଡ / ତୋଣ୍ଡ |
| Eye | ଆଖି | ଆଉଁଖ୍ / ଆଁକ୍ଷି |
| Eye Lid | ଆଖିପତା | ପଲକ୍ |
| Tooth | ଦାନ୍ତ | ଦାନ୍ତ |
| Tongue | ଜିଭ | ଜିଭ୍ |
| Forehead | କପାଳ | କପାର୍ |
| Skull | ଖପୁରୀ | ଖୋପଡ଼ୀ |
| Brain | ମସ୍ତିଷ୍କ | ମଦୁର୍ |
| Cheek | ଗାଲ | ଗାଲ୍ |
| Hair | ବାଳ | କେସ୍ / ବାଲ୍ |
| Ear | କାନ | କାନ୍ |
| Throat | ଗଳା | ପେଟୁ |
| Neck | ବେକ | ଟୋଡ଼୍‌ରା |
| Ribs | ପଞ୍ଜରା | ପଞ୍ଜରା ହଡ୍ଡି |
| Chest | ଛାତି | ଛାତି |
| Lungs | ଫୁସ୍‌ଫୁସ୍ | ଫଫ୍‌ସା |
| Spleen | ପ୍ଲିହା | ଶୁର୍ଦା |
| Belly | ପେଟ | ପେଟ୍ |
| Abdomen | ତଳିପେଟ | ବମଲି |

| ଇଂରାଜୀ | ଓଡ଼ିଆ | ହାଲ୍‌ବୀ ରୂପ |
|---|---|---|
| Shoulder | କାନ୍ଧ | ସୁତାହାଡ଼ା |
| Arm | ବାହୁ | ବାହାଁ / ଡେ଼ନା |
| Elbow | କହୁଣୀ | କୋହନି |
| Hand | ହାତ | ହାତ୍ |
| Palm | ପାପୁଲି | ହଥୋଡ଼ି |
| Finger | ଆଙ୍ଗୁଠି | ଆଙ୍ଗ୍‌ଟି |
| Left Hand | ବାମ ହାତ | ଡେବ୍‌ରିହାତ୍ |
| Right Hand | ଡାହାଣ ହାତ | ବୁଜନି ହାତ୍ |
| Nose | ନାକ | ନାକ୍ |
| Lip | ଓଠ | ଟୋଣ୍ଡ |
| Chin | ଥୋଡ଼ି | ଟୋଡ଼୍ |
| Tonsil | ଘଣ୍ଟିକା | ଗଲା ହାଡ଼୍‌ଡ଼ି |
| Wrist | ମଣିବନ୍ଧ | ଯୋଗାକାଇ |
| Nail | ନଖ | ନଖ୍ ତିନିଙ୍ଗ୍ |
| Thumb | ବୃଦ୍ଧାଙ୍ଗୁଳି | ଅଣ୍ଡକା |
| Fore Finger | ତର୍ଜନି | ଅଣ୍ଡକି |
| Middle Finger | ମଧ୍ୟମା | ଶୁଶରା ଅଣ୍ଡକି |
| Ring Finger | ଅନାମିକା | ମୁଁ ଦି ଅଣ୍ଡକି |
| Little Finger | କନିଷ୍ଠା | ଚିନି ଅଣ୍ଡକି |
| Navel | ନାଭି | ବମ୍‌ଲି / ନାଭି |
| Back | ପିଠି | ପାଟ୍ |
| Backbone | ମେରୁଦଣ୍ଡ | ମେରୁହଡ୍‌ଡ଼ି / ପାଟି ହଡ୍‌ଡ଼ି |
| Waist | ଅଣ୍ଟା | କନିଆ |
| Armpit | କାଖ | କାଖ୍ |
| Thigh | ଜଙ୍ଘ | ଜାଙ୍ଗ୍ |

| ଇଂରାଜୀ | ଓଡ଼ିଆ | ହାଲ୍‌ବୀ ରୂପ |
|---|---|---|
| Anus | ମଳଦ୍ୱାର | ଟୁଇଁ |
| Skin | ଚମଡ଼ା | ଘମ୍ |
| Umbilical Cord | ନାଭିପୋଚ୍ଛା | ବମଲି ନାର୍ |
| Knee | ଆଣ୍ଠୁ | ମାଣ୍ଡି |
| Leg | ଗୋଡ଼ | କଟିଆରି |
| Ankle | ବଳାଗଣ୍ଠି | ଗୁଟ୍‌ମା |
| Foot | ପାଦ | ପଦମ୍ (ପାଓଁ) |
| Heel | ଗୋଇଠି | ଲେଡ଼ି |
| Sole | ତଳିପାଦ | ଖାଲେ ପଦମ୍ (ପାଓଁ) |
| Toe | ପାଦ ଆଙ୍ଗୁଠି | ମାଇ ଅଣ୍ଡକି |
| Breast | ସ୍ତନ | ଦୁଦ୍ |
| Liver | ଯକୃତ | ଗୁର୍ଦ୍ଦା |
| Buttock | ପିଚା | ପିଣ୍ଡା |
| Lap | କୋଳ | କୋଅରା |
| Pulse | ନାଡ଼ି | ନସ୍ |
| Kidney | ମୂତ୍ରକୋଷ | ଡିମ୍ /ଜବଡ଼ି |
| Heart | ହୃଦୟ | କଲେଜା |
| Bone | ହାଡ଼ / ଅସ୍ଥି | ହାଡ଼୍‌ଡ଼ା |
| Tear | ଲୁହ | ଆଁଆସୁ |
| Body | ଶରୀର | ଦେହେଁ |
| Eye brow | ଭ୍ରୂଲତା | ଆଇଁଖ୍ ଭୁଆଁ |
| Unethra | ମୂତ୍ରଦ୍ୱାର | ଚଟଲି / ଚଟଲା |
| Nipple | ସ୍ତନାଗ୍ର | ଦୁଦ୍ ଡେଟି |

# NATURAL NAMES ପ୍ରାକୃତିକ ନାମ

| ଇଂରାଜୀ | ଓଡ଼ିଆ | ହାଲ୍‌ବୀ ରୂପ |
|---|---|---|
| Forest | ଜଙ୍ଗଲ | କମ୍‌ନ / ଖମନ୍ / ବନ୍ |
| Hill | ପାହାଡ଼ | ଡୋଙ୍ଗରି |
| Stream | ଝରଣା | ଜରନ୍ / ଝରଣ |
| River | ନଦୀ | ନଂଦି / ନନ୍ଦି |
| Stone | ପଥର | ପଖ୍‌ନା / ପାଖ୍‌ନା |
| Earth | ପୃଥିବୀ | ଧରତ୍ରି |
| Sand | ବାଲି | ଖୁଦେର୍ |
| Air / Wind | ପବନ / ବାୟୁ | ଲେହେରା |
| Water | ପାଣି | ପାନି |
| Sun | ସୂର୍ଯ୍ୟ | ବେର |
| Moon | ଚନ୍ଦ୍ର | ଙ୍କୋନ୍ |
| Sky | ଆକାଶ | ବାଦ୍‌ଲ / ଅକାସ୍ |
| Star | ତାରକା | ତାର, ଚନ୍ଦନି |
| Thunder | ଚଡ଼ଚଡ଼ି / ଘଡ଼ଘଡ଼ି | ବିଜ୍ ମାର୍‌ଲା |
| Lightening | ବିଜୁଳି | ବିଜଲି ଚମକ୍ |
| Rain | ବର୍ଷା | ପାନି ଆଇସି |
| Ray | କିରଣ | ତରାସ୍ |
| Cloud | ବାଦଲ | ବାଦ୍‌ଲ |
| Moon light | ଚନ୍ଦ୍ର କିରଣ | ଙ୍କୋନ୍ ତରାସ୍ |
| Sun light | ସୂର୍ଯ୍ୟ କିରଣ | ବେର୍ ତରାସ୍ |
| Full moon | ପୂର୍ଣ୍ଣମୀ | ପୁନି |

| ଇଂରାଜୀ | ଓଡ଼ିଆ | ହାଲ୍‌ବୀ ରୂପ |
|---|---|---|
| New moon | ଅମାବାସ୍ୟା | ଅନ୍ଧିୟାରା |
| Solar Eclipse | ସୂର୍ଯ୍ୟପରାଗ | ବେଇ ଗରହନ୍ |
| Lunar Eclipse | ଚନ୍ଦ୍ରଗ୍ରହଣ | ଜୋନ୍ ଗରହନ୍ |
| Fortnight | ପକ୍ଷ | ପଖ୍ |
| Dark fortnight | କୃଷ୍ଣପକ୍ଷ | ଅନ୍ଧିୟାରା ପଖ୍ |
| Bright fortnight | ଶୁକ୍ଳପକ୍ଷ | ଉଜିଆରି ପଖ୍ |
| Wind | ପବନ | ଲେହେରା |
| Strom | ଝଡ଼ | ତୁଫାନ୍ |

# LAND TYPE ଜମି କିସମ

| ଇଂରାଜୀ | ଓଡ଼ିଆ | ହାଲ୍‌ବୀ ରୂପ |
|---|---|---|
| Land | ଜମି | ବେଡ଼ା |
| Dry land | ଢିପ ଜମି | ଟିକ୍‌ରା / ଟିକ୍‌ଡ଼ା |
| Wet land | ନାଳି ଜମି / ବାହାଲ ଜମି | ନାଲି ବେଡ଼ା |
| Hill Slope land | ପାହାଡ଼ିଆ ଢାଲୁ ଜମି | ଡୋଙ୍ଗରି ବେଡ଼ା |
| Hilly land | ପାହାଡ଼ିଆ ଜମି | ଡୋଙ୍ଗର ବେଡ଼ା |
| Kitchen garden | ବଗିଚା | ବନୱାରି |
| Guda land (Up-land) | ଢିପ ଜମି | ଟିକ୍‌ଡ଼ା |
| Midium land | ମାଳ ଜମି | ମାଲ୍‌ଜମିନ୍ / ମାଲବେଡ଼ା |
| Plateau | ମାଳଭୂମି | ଟାଇବେଡ଼ା |
| River bank | ନଦୀ କୂଳ | ଡେଙ୍ଗ୍ |

# NAME OF THE CROPS ଶସ୍ୟର ନାମ

| ଇଂରାଜୀ | ଓଡ଼ିଆ | ହାଲ୍‌ବୀ ରୂପ |
|---|---|---|
| Paddy | ଧାନ | ଧାନ୍ |
| Wheat | ଗହମ | ଗହୁଁ |
| Regi | ମାଣ୍ଡିଆ | ମଣ୍ଡିଆ |
| Minor Millet | ଗୁଲଜି / ଚଣା | କସରା / ଘନା |
| Kodoi | କୋଦୁଅ | କୋଦୋ / କୋଦ୍ |
| Maize | ମକା | ଜନ୍ଦରା |
| Jowar | ଗଙ୍ଗାଇ | ଜନ୍ଦରି |
| Cotton | କପା | କପ୍‌ସା |
| Red gram | ହରଡ଼ | କାନ୍ଦୁଲ୍ / ରାହେଡ୍ / ରାଏଡ୍ |
| Black gram | ବିରି | ଉଡ଼ିଦ୍ |
| Horse gram | କୋଳଥ | ଅରୁଆଁ |
| Green gram | ମୁଗ | ମୁଁଗ୍ |
| Lentils | ମସୁର | ମୁସୁରି |
| Ground gram | ବୁଟ | ନାକ୍‌ଘନା |
| Pea | ମଟର ଛୁଇଁ | ମଁଟର ଘନା |
| Sesamum | ରାଶି | ତିଲ |
| Mustard | ଶୋରିଷ | ସରଷୋଁ |
| Nizar | ଅଳସୀ | ଅଲ୍‌ସି |
| Dal | ଡାଲି | ଦାର୍ |
| Ground nut | ବାଦାମ | ମୁଁଗ୍‌ଫଂଲି |
| Bean | ଶିମ୍ବ | ଶେମି |

# FLOWER ଫୁଲ

| ଇଂରାଜୀ | ଓଡ଼ିଆ | ହାଲ୍‌ବୀ ରୂପ |
|---|---|---|
| Flower | ଫୁଲ | ଫୁଲ |
| Marigold | ଗେଣ୍ଡୁ | ମେଣ୍ଡାଫୁଲ୍ |
| Rose | ଗୋଲାପ | ଗୁଲାବି |
| China rose | ମନ୍ଦାର | ମନ୍ଦାର୍ |
| Tulip | ମଲ୍ଲୀ | ମଲିଫୁଲ୍ |
| Moonbean | ଟଗର | ଶୁକ୍‌ଲ୍ ଫୁଲ |
| Lotus | ପଦ୍ମ | ପଦମ୍ ଫୁଲ୍ |
| Keruan | କୁରେଇ | କୁରେଇ ଫୁଲ୍ |
| Oleander | କନିଅର | କନିଅର୍ |
| Holy basil | ତୁଳସୀ | ତୁଲ୍‌ସୀ |
| Sun flower | ସୂର୍ଯ୍ୟମୁଖୀ | ସୁରିଜ୍ ଫୁଲ୍ |
| Starmoney flower | ଦୂବୁରା | ଦୁଦ୍‌ରା |
| Tube rose | ରଜନୀଗନ୍ଧା | ରାତ୍‌ରାନି |
| Jasmine | ଯୁଇ | ଯୁଇ |
| Lily | କଇଁ | ବଡ଼େଲା |
| Screw pine | କେତକୀ | କେଓଁରା |
| Palash flower | ପଳାଶ | ପର୍‌ସା |

# DESCRIPTION OF HOUSE

# ଘରର ବିବରଣୀ

| ଇଂରାଜୀ | ଓଡ଼ିଆ | ହାଲ୍‌ବୀ ରୂପ |
|---|---|---|
| House | ଘର | ଘର / ରୋନ୍ |
| Cattle shed | ଗୁହାଳ | କସ / କଟାଚ୍ |
| Roof | ଛାତ | ଛତ |
| Wall | କାନ୍ଥ | ବିତି / ଭୀତି |
| Beam | କଡ଼ି | ପାଟି |
| Door | କବାଟ | କପାଟ୍ |
| Window | ଝରକା | ଖିଡ଼୍‌କି |
| Doorsil | ଏରୁଣ୍ଡି | ଡେଓଁନା |
| Gate | ଫାଟକ | ଅଉଗଡ଼ା |
| Dining room | ଖାଇବାଘର | ରାନ୍ଧାଘର୍ |
| Pillar | ଖୁଣ୍ଟି | ଡେଲି |
| Verandah | ବାରଣ୍ଡା | ବସବା ଓ କାଲି (ଖୋଲି) |
| Court-yard | ଅଗଣା | ଆଙ୍ଗନ୍ |

# NAME OF THE TREES ଗଛର ନାମ

| ଇଂରାଜୀ | ଓଡ଼ିଆ | ହାଲବୀ ରୂପ |
|---|---|---|
| Tree | ଗଛ / ବୃକ୍ଷ | ରୁଖ୍ |
| Mango | ଆମ୍ବ | ଆମା |
| Cashew | ଲଙ୍କାଆମ୍ବ | ବେଲୁଆଁ |
| Jack fruit | ପଣସ | ପନ୍ସ |
| Papaya | ଅମୃତଭଣ୍ଡା | ଅରମ୍ ପେୟପୋଇ |
| Banana | କଦଳୀ | କେରା |
| Fig | ଡିମିରି | ଡୁମର |
| Mahua | ମହୁଲ | ମହୁ |
| Kendu | କେନ୍ଦୁ | ତେନ୍ଦୁ |
| Palm Tree | ତାଳଗଛ | ତାଡ୍ ରୁଖ |
| Black berry | ଜାମୁକୋଳି | ଜାମ୍ |
| Kusum | କୁସୁମ | କୋସମ୍ |
| Bel tree | ବେଲଗଛ | ବେଲ୍ |
| Teak tree | ଶାଗୁଆନ୍ ଗଛ | ସାଗୋନ୍ |
| Sal tree | ଶାଳ ଗଛ | ସରଗି |
| Flax plant | ଛଣପଟ ଗଛ | ବଥା |
| Bamboo | ବାଉଁଶ | ବାଉଁଶ୍ |
| Tamarind | ତେନ୍ତୁଳୀ | ଅମ୍ଲି |

| ଇଂରାଜୀ | ଓଡ଼ିଆ | ହାଲ୍‌ବୀ ରୂପ |
|---|---|---|
| Peepul tree | ଅଶ୍ୱତ୍ଥ ବୃକ୍ଷ | ପିପ୍‌ଲ |
| Neem | ନିମ୍ବ | ନିମ୍ |
| Drum stick | ସଜନା | ମୁନ୍‌ଙ୍ଗା |
| Lemon | ଲେମ୍ବୁ | ଲେମ୍ବୁ/ ଲିମୁ |
| Berry | ବରକୋଳି | ବେଇର / ବେ'ର୍ |
| Banyan tree | ବରଗଛ | ବଡ୍‌ରୁଖ୍ |
| Flaver tree | କଦମ୍ବ | କଦମ୍ |
| Pongamia glalua | କରଞ୍ଜ | କରଞ୍ଜି |
| Terminelia chefula | ହରିଡ଼ା | ଗିର୍ଲା |
| Bahada | ବାହାଡ଼ା | ବେହେଡ଼ା |
| Amla | ଅଁଳା | ଆଓଁରା |
| Silk cotton | ସିମୁଳି | ସେମଳ |

# IMPLEMENTS ସରଞ୍ଜାମ

| ଇଂରାଜୀ | ଓଡ଼ିଆ | ହାଲ୍‌ବୀ ରୂପ |
|---|---|---|
| Plough | ଲଙ୍ଗଳ | ନାଙ୍ଗର୍ |
| Handle of plough | ଲଙ୍ଗଳମୁନ | ଫାର୍ |
| Goad | ଆଙ୍କଶ | ଗୋଲି |
| Yoke | ଯୁଆଳୀ | ଜୁଆଡ଼ି |
| Spade | କୋଦାଳ / କୋଡ଼ି | ଭାଲୁ କୋଡ଼୍‌କି / ରାଂପା କୋଡ଼୍‌ଡ଼ି |
| Axe | ଟାଙ୍ଗିଆ / କୁରାଢ଼ି | ଟେୟଙ୍ଗା / କୁଡାର |
| Sickle | ଦାଆ | ହଂସିଆ |
| Carrying rope | ଶିକା | ଶିକା |
| Carrying pole | ବାହୁଙ୍ଗୀ | କାଓଁଡ୍ |
| Mace / club | ଠେଙ୍ଗା | ବଡ଼୍‌ଗା |
| Row | କାତ | ଡଙ୍ଗାଚଟୁ |
| Spindle | ତାକୁଡ଼ି | ଘେରା |
| Boat | ଡଙ୍ଗା | ଡଙ୍ଗା |
| Bow | ଧନୁ | ଧନୁ |
| Arrow | ତୀର | କାଣ୍ଡ୍ |
| Winnowing fan | କୁଲା | ସୁପା |
| Fishing hook | ବନ୍‌ଶୀକଣ୍ଟା | ଗିରିକାଣ୍ଟା |
| Spear | ବରଛା | ବରଛି / ଭାଲା |
| Vegetable chopper | ପନିକି | ପାଉଁଶି |
| Bill hook | କଟୁରୀ | କଡ଼୍‌ରା |
| Hoe | କୋଡ଼ି | କୋଡ଼୍‌କି |
| Crowbar | ଶାବଳ | କୋପର୍ |
| Hatchet | ଟାଙ୍ଗିଆ | ଟେଙ୍ଗିଆ / ଟେଙ୍ଗା |
| Plane | ମଇ | କୁସ୍ |
| Grinder | ଶିଳ | ଶିଲ୍ |
| Stick | ବାଡ଼ି | ବଡ଼୍‌ଗି |
| Knife | ଛୁରୀ | କାଂତି / ଛୁରା |

## DAYS ବାର

| ଇଂରାଜୀ | ଓଡ଼ିଆ | ହାଲ୍‌ବୀ ରୂପ |
|---|---|---|
| Sunday | ରବିବାର | ଇତୱାର |
| Monday | ସୋମବାର | ସୋମୱାର |
| Tuesday | ମଙ୍ଗଳବାର | ମଙ୍ଗଲୱାର |
| Wednesday | ବୁଧବାର | ବୁଦ୍‌ୱାର |
| Thursday | ଗୁରୁବାର | ଲଖମୀୱାର |
| Friday | ଶୁକ୍ରବାର | ଶୁକ୍ରୱାର |
| Saturday | ଶନିବାର | ଶନିୱାର |

## MONTHS ମାସ

| | | | |
|---|---|---|---|
| January | ପୌଷ-ମାଘ | ବୈଶାଖ | ବୈଶାକ୍ |
| February | ମାଘ-ଫାଲ୍‌ଗୁନ | ଜ୍ୟେଷ୍ଠ | ଜେଠ |
| March | ଫାଲ୍‌ଗୁନ-ଚୈତ୍ର | ଆଷାଢ଼ | ଅସାଡ଼୍ |
| April | ଚୈତ୍ର-ବୈଶାଖ | ଶ୍ରାବଣ | ସାଓଁନ |
| May | ବୈଶାଖ-ଜ୍ୟେଷ୍ଠ | ଭାଦ୍ରବ | ଭାଦୋ |
| June | ଜ୍ୟେଷ୍ଠ-ଆଷାଢ଼ | ଆଶ୍ୱିନ | କୁଆଁର |
| July | ଆଷାଢ଼-ଶ୍ରାବଣ | କାର୍ତ୍ତିକ | ଦିଆଲି / କାର୍ତ୍ତିକ |
| August | ଶ୍ରାବଣ-ଭାଦ୍ରବ | ମାର୍ଗଶୀର | ଅଘନ |
| September | ଭାଦ୍ରବ-ଆଶ୍ୱିନ | ପୌଷ | ପୁଷ୍ |
| October | ଆଶ୍ୱିନ-କାର୍ତ୍ତିକ | ମାଘ | ମାଁଘ୍ |
| November | କାର୍ତ୍ତିକ-ମାର୍ଗଶୀର | ଫାଲ୍‌ଗୁନ | ଫାଗନ |
| December | ମାର୍ଗଶୀର-ପୌଷ | ଚୈତ୍ର | ଚଇତ |

## SEASONS ଋତୁ

| | | |
|---|---|---|
| Summer | ଗ୍ରୀଷ୍ମ | ଘାମ୍ |
| Rainy | ବର୍ଷା | ପାନି |
| Winter | ଶୀତ | ଶୀତ୍ |

# COMMON VERBS ସାଧାରଣ କ୍ରିୟା

| ଇଂରାଜୀ | ଓଡ଼ିଆ | ହାଲ୍‌ବୀ ରୂପ |
|---|---|---|
| Go | ଯିବା | ଯାଏଁସେ |
| Come | ଆସିବା | ଆଏଁସେ |
| Sit | ବସିବା | ବସେସେ |
| Eat | ଖାଇବା | ଖାଏଁସେ |
| Drink | ପିଇବା | ପିଉତୋ |
| See | ଦେଖିବା | ଦଖ୍‌ତୋ |
| Hear / Listen | ଶୁଣିବା | ସୁନ୍‌ତୋ |
| Walk | ଚାଲିବା | ହିଣ୍ଡ୍‌ତୋ |
| Cook | ରାନ୍ଧିବା | ରାନ୍ଦ୍‌ତୋ |
| Learn | ଶିଖିବା | ଶିଖ୍‌ତୋ |
| Sing | ଗାଇବା | ଗାଏତୋ |
| Dance | ନୃତ୍ୟ କରିବା | ନାଚ୍‌ତୋ |
| Bathe | ଗାଧୋଇବା | ନହାତୋ |
| Play | ଖେଳିବା | ଖେଲୁତୋ |
| Jump | ଡେଇଁବା | କୁଦୁତୋ |
| Brush | ଦାନ୍ତ ଘଷିବା | ଦାନ୍ତଲଗଡ଼୍‌ତୋ |
| Run | ଦୌଡ଼ିବା | ପରାଉଁତୋ |
| Irrigate | ପାଣି ମଡ଼ାଇବା | ପାନି ଖେଲାଇତୋ |
| Find | ପାଇବା | ପାଓ୍ୱାଁତୋ |
| Winnow | ପାଛୁଡ଼ିବା | ଫୁନ୍‌ତୋ |
| Laugh | ହସିବା | ହାଂସ୍‌ତୋ |
| Cry | କାନ୍ଦିବା | କାଗେସେ |

| ଇଂରାଜୀ | ଓଡ଼ିଆ | ହାଲ୍‌ବୀ ରୂପ |
|---|---|---|
| Say | କହିବା | ସାଙ୍ଗେସେ / ବୋଲତୋ (ବୋଲନା) |
| Write | ଲେଖିବା | ଲିଖୁତୋ (ଲିଖୁନା) |
| Cultivate | ଚାଷ କରିବା | ବେଡ଼ା ଫାନ୍ଦତୋ (ଫାନ୍ଦନା) |
| Sleep | ଶୋଇବା | ଶୋଉନା |
| Rest | ବିଶ୍ରାମ କରିବା | ବସାଓତାନା |
| Buy | କିଣିବା | ଘେନୁତୋ |
| Answer | ଉତ୍ତର ଦେବା | ମୁଁ ସାଙ୍ଗ୍‌ଲେ ତୁଇ ସାଙ୍ଗ୍ |
| Attack | ଆକ୍ରମଣ କରିବା | ଝପଟ୍‌ଦାର |
| Bring | ଆଣିବା | ଆନତୋ |
| Build | ତିଆରି କରିବା | ବନାଉନ୍‌ବେ |
| Call | ଡାକିବା | ବୁଲାଓବେ |
| Climb | ଚଢ଼ିବା | ଚୋଘ୍‌ବା |
| Cut | କାଟିବା | ଗନ୍ଦୁଦେସ୍, ଚୁଲଉଘ୍ମ |
| Dig | ଖୋଳିବା | ଖନ୍ |
| Save | ସଞ୍ଚୟ କରିବା | ସନ୍ଦୁକୁନେ୍ ସଙ୍ଗାଓ |
| Fight | ଲଢ଼େଇ କରିବା | ଯୁଦ୍ଧକର୍‌ବା |
| Fill | ପୂରଣ କରିବା | ପୋଗୁଁଦ |
| Get | ପାଇବା | ଫାଓ୍ୱାନୁନ୍ |
| Give | ଦେବା | ଦେଉଁନ ଦେତ |
| Hang | ଝୁଲାଇବା | ଝୁଲାଉଁନ୍ ଦେତ |
| Help | ସାହାଯ୍ୟ କରିବା | ସାହାଜ କର୍ |
| Know | ଜାଣିବା | ଜାନ୍‌ବେ |
| Keep | ରଖିବା | ରାଖୁନ୍ |

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Kill | ମାରିବା | ମାରୁନ୍ |
| Look | ଦେଖିବା | ଦଖୁନ୍ |
| Use | ବ୍ୟବହାର କରିବା | ବାଏଁର |
| Obey | ମାନିବା | ମାନେନ୍ |
| Put | ରଖିବା | ରଖୁନ୍ |
| Read | ପଢ଼ିବା | ପଢୁନ୍ |
| Write | ଲେଖିବା | ଲିଖୁନ୍ |
| Seek | ଖୋଜିବା | ଖୋଜୁନ |
| Sell | ବିକ୍ରି କରିବା | ବିକୁନ୍ |
| Stand | ଛିଡ଼ାହେବା | ଠିଆଁ |
| Start | ଆରମ୍ଭ କରିବା | ଶୁରୁକରନା |
| Ask | ପଚାରିବା | ସାଙ୍ଗନା / ପୁଚୁନ୍ ଦାସ |
| Steal | ଚୋରି କରିବା | ଚେରକର୍ |
| Send | ପଠାଇବା | ପାଠାଉଁବେ |
| Swim | ପହଁରିବା | ତଅଁରବା |
| Sweep | ଝାଡୁ କରିବା | ବାଡ଼ାଁଉ |
| Slay | ହତ୍ୟା କରିବା | ପୁଲୁନ୍ |
| Take | ନେବା | ନେଉନ୍ |
| Want | ଇଚ୍ଛା କରିବା | ମନ୍‌ଲଗନା |
| Wear | ପିନ୍ଧିବା | ପିନ୍ଧୁନ୍ |
| Win | ଜିତିବା | ଜିତଓ୍ୱାଁ |
| Watch | ଜଗିବା | ଜାଗଓ୍ୱାଁ |

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Wash | ସଫା କରିବା | ଧୋଉନ୍‌ଦସ |
| Work | କାମ କରିବା | ବୁତା କରଓ୍ୱାଁ |
| Do | କରିବା | କରଓ୍ୱାଁ |
| Fall | ପଡ଼ିଯିବା | ପଡୁନ୍ / ଗିର୍‌ନା |
| Leave | ଛାଡ଼ିବା | ଛାଣ୍ଡନା |
| Shut | ବନ୍ଦ କରିବା | ଢ଼ାଁ'ପ୍‌ନା |
| Sow | ବୁଣିବା | ବୁନୁଓ୍ୱାଁ |
| Throw | ଫୋପାଡ଼ିବା | ଫିଙ୍ଗୁନ୍ |
| Teach | ପଢ଼ାଇବା | ପଢ଼ାନା |
| Spend | ଖର୍ଚ୍ଚ କରିବା | ଖର୍ଚ୍ଚକର୍‌ନା |
| Think | ଚିନ୍ତା କରିବା | ମନ ଦୁକ୍‌ଲା |
| Pray | ପ୍ରାର୍ଥନା କରିବା | ଜୋହାର କର |

# PRESENT TENSE ବର୍ତ୍ତମାନ କାଳ

| | First Person - Singular Number- ପ୍ରଥମ ପୁରୁଷ - ଏକ ବଚନ | First Person Plural Number ପ୍ରଥମ ପୁରୁଷ - ବହୁ ବଚନ |
|---|---|---|
| Present Indefinite ନିତ୍ୟ ପ୍ରବୃତ୍ତ ବର୍ତ୍ତମାନ | I go<br>ମୁଁ ଯାଏ<br>ମୟଁ ଯାଏଁସେ<br>I eat<br>ମୁଁ ଖାଏ<br>ମୟଁ ଖାଏଁସେ | We go<br>ଆମ୍ଭେମାନେ ଯାଉ -<br>ଆମି ଯାଉଁସେ<br>We eat<br>ଆମ୍ଭେମାନେ ଖାଉ -<br>ଆମି ଖାଉଁସେ |
| Present Imperfect ଅସଂପୂର୍ଣ୍ଣ ବର୍ତ୍ତମାନ | I am going<br>ମୁଁ ଯାଉଛି<br>ମୟଁ ରେଙ୍ଗେସତ<br>I am eating<br>ମୁଁ ଖାଉଛି<br>ମୟଁ ଖାଏଁ ସତ | We are going<br>ଆମ୍ଭେମାନେ ଯାଉଛୁ<br>ଆମି ରେଙ୍ଗୁସେତା (ଯାଉଁସେତା)<br>We are eating<br>ଆମ୍ଭେମାନେ ଖାଉଛୁ<br>ଆମି ଖାଉଁସେତା |
| Present Perfect ସଂପୂର୍ଣ୍ଣ ବର୍ତ୍ତମାନ | I have gone<br>ମୁଁ ଯାଇଛି<br>ମୟଁ ଅମରଲା<br>I have eaten<br>ମୁଁ ଖାଇଛି<br>ମୟଁ ଖାଦ୍‌ଲେ ବେ | We have gone<br>ଆମ୍ଭେମାନେ ଯାଇଛୁ<br>ଆମି ଅମରଲୁ।<br>We have eaten<br>ଆମ୍ଭେମାନେ ଖାଇଛୁ ।<br>ଆମି ଖାଦ୍‌ଲୁବେ। |
| Present Perfect Continuous ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ବର୍ତ୍ତମାନ | I have been going<br>ମୁଁ ଯାଇ ଆସୁଅଛି<br>ମୟଁ ସବ୍‌ଦିନ ଯାଉଁୱାଏ<br>I have been eating<br>ମୁଁ ଖାଇ ଆସୁଅଛି<br>ମୟଁ ସବ୍‌ଦିନ ଖାଉଁୱାଏ | We have been going<br>ଆମ୍ଭେମାନେ ଯାଇ ଆସୁଅଛୁ<br>ଆମି ସବୁ ଗେଲୁ ଆରୁ ଇଲୁ<br>We have been eating<br>ଆମ୍ଭେମାନେ ଖାଇ ଆସୁଅଛୁ<br>ଆମି ସବ୍‌ଦିନ ଖାଉଁୱାଏ |

| | Second Person - Singular Number<br>ଦ୍ୱିତୀୟ ପୁରୁଷ – ଏକ ବଚନ | Second Person - Plural Number<br>ଦ୍ୱିତୀୟ ପୁରୁଷ – ବହୁ ବଚନ |
|---|---|---|
| Present Indefinite<br>ନିତ୍ୟ ପ୍ରବୃତ୍ତ ବର୍ତ୍ତମାନ | You go | You go |
| | ତୁ ଯାଉ | ତୁମ୍ଭେମାନେ ଯାଅ |
| | ତୁଇ ଯାଅହା | ତୁମି ଯାଅହା |
| | You eat | You eat |
| | ତୁ ଖାଉ | ତୁମ୍ଭେମାନେ ଖାଅ |
| | ତୁଇ ଖାଅହା | ତୁମି ଖାଅହା |
| Present Imperfect<br>ଅସଂପୂର୍ଣ୍ଣ ବର୍ତ୍ତମାନ | You are going | You are going |
| | ତୁ ଯାଉଛୁ | ତୁମ୍ଭେମାନେ ଯାଉଛ |
| | ତୁଇ ଯାଇତୋରାହା | ତୁମି ସବ୍‌ଲୋଗ୍ ଯାଇତେରାହା |
| | You are eating | You are eating |
| | ତୁ ଖାଉଛୁ | ତୁମ୍ଭେମାନେ ଖାଉଛ |
| | ତୁଇ ଖାଇତେରାହା | ତୁମି ସବ୍‌ଲୋଗ୍ ଖାଇତେରାହ। |
| Present Perfect<br>ସଂପୂର୍ଣ୍ଣ ବର୍ତ୍ତମାନ | You have gone | You have gone |
| | ତୁ ଯାଇଛୁ | ତୁମ୍ଭେମାନେ ଯାଇଛ |
| | ତୁଇ ଆମରଲି | ତୁମି ସବ୍‌ଲୋଗ ଅମର୍‌ଲା |
| | You have eaten | You have eaten |
| | ତୁ ଖାଇଛୁ | ତୁମ୍ଭେମାନେ ଖାଇଛ |
| | ତୁଇ ଖାଦ୍‌ଲିସ୍ | ତୁମି ସବ୍‌ଲୋଗ ଖାଦ୍‌ଲାସ୍‌ବକ। |
| Present Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ବର୍ତ୍ତମାନ | You have been going | You have been going |
| | ତୁ ଯାଇ ଆସୁଅଛୁ | ତୁମ୍ଭେମାନେ ଯାଇ ଆସୁଅଛ |
| | ତୁଇ ଯାଅହା ଆରୁ ଆଓ | ତୁମି ସବ୍‌ଲୋଗ ଯା ଅହା ଆରୁ ଆହା। |
| | You have been eating | You have been eating |
| | ତୁ ଖାଇ ଆସୁଅଛୁ | ତୁମ୍ଭେମାନେ ଖାଇ ଆସୁଅଛ |
| | ତୁଇ ଖାଉନ୍‌ରେଲିସ୍ | ତୁମି ସବୁଲୋଗ୍ ଖାଉନ୍‌ଇୟାଁ |

| | Third Person - Singular Number<br>ତୃତୀୟ ପୁରୁଷ - ଏକ ବଚନ | Third Person - Plural Number<br>ତୃତୀୟ ପୁରୁଷ - ବହୁ ବଚନ |
|---|---|---|
| Present Indefinite<br>ନିତ୍ୟ ପ୍ରବୃତ୍ତ ବର୍ତ୍ତମାନ | He / She goes<br>ସେ ଯାଏ ଡ଼େ -<br>ହୋନ୍ ଯାଇ<br>He / She eats<br>ସେ ଖାଏ<br>ହୋନ୍ ଖାଏଁ | They go<br>ସେମାନେ ଯାଆନ୍ତି -<br>ହୋନମନ୍ ଯାସତ<br>They eat<br>ସେମାନେ ଖାଆନ୍ତି<br>ହୋନ୍‌ମନ୍ ଖାସତ |
| Present Imperfect<br>ଅସଂପୂର୍ଣ୍ଣ ବର୍ତ୍ତମାନ | He / She is going<br>ସେ ଯାଉଛି<br>ହୋନ୍ ଯାଏଁସେ ଆଚେ<br>He / She is eating<br>ସେ ଖାଉଛି<br>ହୋନ୍ ଖାଏଁସେ ଆଚେ଼ | They are going<br>ସେମାନେ ଯାଉଛନ୍ତି<br>ହୋନ୍‌ମନ୍ ଯାଏଁସେ ଆଚତ<br>They are eating<br>ସେମାନେ ଖାଉଛନ୍ତି<br>ହୋନ୍‌ମନ୍ ଖାଏଁସେ ଆଚତ୍ |
| Present Perfect<br>ସଂପୂର୍ଣ୍ଣ ବର୍ତ୍ତମାନ | He / She has gone<br>ସେ ଯାଇଛି<br>ହୋନ୍ ଅମଗଲୋ<br>He / She has eaten<br>ସେ ଖାଇଛି -<br>ହୋନ୍ ଖାଦ୍‌ଲୋ | They have gone<br>ସେମାନେ ଯାଇଛନ୍ତ<br>ହୋନମନ୍ ଅମ୍‌ରୋଲେଏ<br>They have eaten<br>ସେମାନେ ଖାଇଛନ୍ତି<br>ହୋନ୍‌ମନ୍ ଖାଦ୍‌ଲାଏ। |
| Present Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ବର୍ତ୍ତମାନ | He / She has been going<br>ସେ ଯାଇ ଆସୁଅଛି<br>ହୋନ୍ ଯାଉଁଇଲୋବେ<br>He /She has been eating<br>ସେ ଖାଇ ଆସୁଅଛି<br>ହୋନ୍ ଖାଉଁଇଲୋବେ | They have been going<br>ସେମାନେ ଯାଇ ଆସୁଛନ୍ତି<br>ହୋନ୍‌ମନ୍ ଯାଉଁ ଇଲାବେ<br>They have been eating<br>ସେମାନେ ଖାଇ ଆସୁଛନ୍ତ<br>ହୋନମନ୍ ଖାଉଁ ଇଲାବେ। |

# PAST TENSE ଅତୀତ କାଳ

| | First Person - Singular Number<br>ପ୍ରଥମ ପୁରୁଷ - ଏକ ବଚନ | First Person - Plural Number<br>ପ୍ରଥମ ପୁରୁଷ - ବହୁ ବଚନ |
|---|---|---|
| Past Indefinite<br>ନିତ୍ୟ ପ୍ରବୃତ୍ତ ଅତୀତ | I went | We went |
| | ମୁଁ ଗଲି | ଆମ୍ଭେମାନେ ଗଲୁ |
| | ମୟଁ ଗେଲେ | ଆମି ଗେଲୁବେ |
| | I ate | We ate |
| | ମୁଁ ଖାଇଲି | ଆମ୍ଭେମାନେ ଖାଇଲୁ ଏଲେ |
| | ମୟଁ ଖାଦଲେ | ଆମି ଖାଦ୍‌ଲୁବେ |
| Past Imperfect<br>ଅସଂପୂର୍ଣ୍ଣ ଅତୀତ | I was going | We were going |
| | ମୁଁ ଯାଉଥିଲି | ଆମ୍ଭେମାନେ ଯାଉଥିଲୁ |
| | ମୟଁ ଯୟତେରେଲେ | ଆମି ଯ୍ୟୟତେରେଲା |
| | I was eating | We were eating |
| | ମୁଁ ଖାଉଥିଲି | ଆମ୍ଭେମାନେ ଖାଉଥିଲୁ |
| | ମୟଁ ଖାଏତେରେଲେ | ଆବି ଖାଏତେରେଲା |
| Past Perfect<br>ସଂପୂର୍ଣ୍ଣ ଅତୀତ | I had gone | We had gone |
| | ମୁଁ ଯାଇଥିଲି | ଆମ୍ଭେମାନେ ଯାଇଥିଲୁ |
| | ମୟଁ ଅମରଲାବେ | ଆମିମନ ଅମରଲୁ |
| | I had eaten | We had eaten |
| | ମୁଁ ଖାଇଥିଲି | ଆମ୍ଭେମାନେ ଖାଇଥିଲୁ |
| | ମୟଁ ଖାଦ୍‌ଲେବେ | ଆମିମନ୍ ଖାଦ୍‌ଲାବେ। |
| Past Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ଅତୀତ | I had been going | We had been going |
| | ମୁଁ ଯାଇ ଆସୁଥିଲି | ଆମ୍ଭେମାନେ ଯାଇ ଆସୁଥିଲୁ |
| | ମୟଁ ଯାଉଁନ ଏତେ ରଲେ | ଆମିମନ ଯାଉଁ ନିନୁବେ |
| | I had been eating | We had been eating |
| | ମୁଁ ଖାଇ ଆସୁଥିଲି ରଙ୍ଗ୍ ଞ ତେଲ୍ | ଆମ୍ଭେମାନେ ଖାଇ ଆସୁଥିଲୁ। |
| | ମୟ ଖାଉନ୍ ଇଲେବେ | ଆମିମନ ଖାଉଁ ନିନୁବେ |

| | Second Person - Singular Number<br>ଦ୍ବିତୀୟ ପୁରୁଷ - ଏକ ବଚନ | Second Person - Plural Number<br>ଦ୍ବିତୀୟ ପୁରୁଷ - ବହୁ ବଚନ |
|---|---|---|
| Past Indefinite<br>ନିତ୍ୟ ପ୍ରବୃତ୍ତ ଅତୀତ | You went<br>ତୁ ଗଲୁ<br>ତୁଇ ଗେଲିସ୍<br>You ate<br>ତୁ ଖାଇଲୁ<br>ତୁଇ ଖାଇଲିସ୍ | You went<br>ତୁମ୍ଭେମାନେ ଗଲ<br>ତୁମି ଗେଲାସ୍<br>You ate<br>ତୁମ୍ଭେମାନେ ଖାଇଲ<br>ତୁମି ଖାଦ୍‌ଲାସ |
| Past Imperfect<br>ଅସଂପୂର୍ଣ୍ଣ ଅତୀତ | You were going<br>ତୁ ଯାଉଥିଲୁ<br>ତୁଇ ଯାଇତେରେଲୋ<br>You were eating<br>ତୁ ଖାଉଥିଲୁ<br>ତୁଇ ଖାଇତେରେଲୋ | You were going<br>ତୁମ୍ଭେମାନେ ଯାଉଥିଲ<br>ତୁମିମନ୍ ଯାଇତେରେଲାସ୍<br>You were eating<br>ତୁମ୍ଭେମାନେ ଖାଉଥିଲ<br>ତୁମିମନ୍ ଖାଇତେରେଲାସ୍ |
| Past Perfect<br>ସଂପୂର୍ଣ୍ଣ ଅତୀତ | You had gone<br>ତୁ ଯାଇଥିଲୁ<br>ତୁଇ ଗେଲୋ<br>You had eaten<br>ତୁ ଖାଇଥିଲୁ<br>ତୁଇ ଖାଦ୍‌ଲୋ | You had gone<br>ତୁମ୍ଭେମାନେ ଯାଇଥିଲ<br>ତୁମିମନ୍ ଗେଲାସ୍<br>You had eaten<br>ତୁମ୍ଭେମାନେ ଖାଇଥିଲ<br>ତୁମିମନ୍ ଖାଦ୍‌ଲାସ୍ |
| Past Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ଅତୀତ | You had been going<br>ତୁ ଯାଇ ଆସୁଥିଲୁ<br>ତୁଇ ଯାଉଁନ୍‌ଇ ଲୋସ୍‌କି<br>You had been eating<br>ତୁ ଖାଇ ଆସୁଥିଲୁ<br>ତୁଇ ଖାଉଁନ୍‌ଇଲୋସ୍‌କି | You had been going<br>ତୁମ୍ଭେମାନେ ଯାଇ ଆସୁଥିଲ<br>ତୁମିମନ୍ ଯାଉଁନ୍ ଇଲାସ୍ କି<br>You had been eating<br>ତୁମ୍ଭେମାନେ ଖାଇ ଆସୁଥିଲ<br>ତୁମିମନ୍‌ଖାଉଁନ୍ ଇଲାସ୍‌କି |

| | Third Person - Singular Number<br>ତୃତୀୟ ପୁରୁଷ - ଏକ ବଚନ | Third Person - Plural Number<br>ତୃତୀୟ ପୁରୁଷ - ବହୁ ବଚନ |
|---|---|---|
| Past Indefinite<br>ଘଟିତ ପ୍ରକ୍ରିୟା ଅତୀତ | He / She went<br>ସେ ଗଲା<br>ହୋନ୍ ଗେଲା<br>He / She ate<br>ସେ ଖାଇଲା<br>ହୋନ୍ ଖାଏଲା | They went<br>ସେମାନେ ଗଲେ<br>ହୋନ୍‌ମନ୍ ଗେଲା<br>They ate<br>ସେମାନେ ଖାଇଲେ<br>ହେନ୍‌ମନ୍ ଖାଦ୍‌ଲାଏ |
| Past Imperfect<br>ଅସଂପୂର୍ଣ୍ଣ ଅତୀତ | He / She was going<br>ସେ ଯାଉଥିଲା<br>ହୋନ୍ ଯାତେରେଲା<br>He / She was eating<br>ସେ ଖାଉଥିଲା<br>ହୋନ୍ ଖାତେରେଲା | They were going<br>ସେମାନେ ଯାଉଥିଲେ<br>ହୋନ୍‌ମନ୍ ଯାତେରେଲାଏ<br>They were eating<br>ସେମାନେ ଖାଉଥିଲେ<br>ହୋନ୍‌ମନ ଖାତେରେଲାଏ |
| Past Perfect<br>ସଂପୂର୍ଣ୍ଣ ଅତୀତ | He / She had gone<br>ସେ ଯାଇଥିଲା<br>ହୋନ୍ ଗେଲୋ<br>He / She had eaten<br>ସେ ଖାଇଥିଲା<br>ହୋନ୍ ଖାଦ୍‌ଲୋ | They had gone<br>ସେମାନେ ଯାଇଥିଲେ<br>ହୋନ୍‌ମନ୍ ଗେଲାଏ<br>They had eaten<br>ସେମାନେ ଖାଇଥିଲେ<br>ହୋନ୍‌ମନ୍ ଖାଦ୍‌ଲାଏ |
| Past Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ଅତୀତ | He / She had been going<br>ସେ ଯାଇ ଆସୁଥିଲା<br>ହୋନ୍ ଯାଇଁଏତେ ରେଲୋ<br>He / She had been eating<br>ସେ ଖାଇ ଆସୁଥିଲା<br>ହୋନ୍ ଖାଉଁ ଏତେ ରେଲୋ | They had been going<br>ସେମାନେ· ଯାଇ ଆସୁଥିଲେ<br>ହୋନ୍ ମନ୍ ଯାଇଁ ଏତେରେଲାଏ<br>They had been eating<br>ସେମାନେ ଖାଇ ଆସୁଥିଲେ<br>ହୋନ୍‌ମନ୍ ଖାଉଁ<br>ଏତେରେଲାଏ |

# FUTURE TENSE ଭବିଷ୍ୟତ କାଳ

| | First Person - Singular Number<br>ପ୍ରଥମ ପୁରୁଷ - ଏକ ବଚନ | First Person - Plural Number<br>ପ୍ରଥମ ପୁରୁଷ - ବହୁ ବଚନ |
|---|---|---|
| Future Indefinite<br>ନିତ୍ୟ ପ୍ରବୃତ୍ତ ଭବିଷ୍ୟତ | I shall go<br>ମୁଁ ଯିବି<br>ମୟଁ ଯାଉଁଆଏଁ<br>I shall eat<br>ମୁଁ ଖାଇବି<br>ମୟଁ ଖାଉଁଆଏଁ | We shall go<br>ଆମ୍ଭେମାନେ ଯିବୁ<br>ଆମି ଯାଉଁବେ<br>We shall eat<br>ଆମ୍ଭେମାନେ ଖାଇବୁ<br>ଆମି ଖାଉଁବେ |
| Future Imperfect<br>ଅସଂପୂର୍ଣ୍ଣ ଭବିଷ୍ୟତ | I shall be going<br>ମୁଁ ଯାଉଥିବି<br>ମୟଁ ଯାତେ ରହେନ୍ଦେ<br>I shall be eating<br>ମୁଁ ଖାଉଥିବି<br>ମୟଁ ଖାତେ ରହେନ୍ଦେ | We shall be going<br>ଆମ୍ଭେମାନେ ଯାଉଥିବୁ<br>ଆମି ଯାତେରାହାନ୍ଦେ<br>We shall be eating<br>ଆମ୍ଭେମାନେ ଖାଉଥିବୁ<br>ଆମି ଖାତେ ରାହାନ୍ଦେ |
| Future Perfect<br>ସଂପୂର୍ଣ୍ଣ ଭବିଷ୍ୟତ | I shall have gone<br>ମୁଁ ଯାଇଥିବି<br>ମୟଁ ଗେଲେବେ<br>I shall have eaten<br>ମୁଁ ଖାଇଥିବି<br>ମୟଁ ଖାଦ୍‌ଲେବେ | We shall have gone<br>ଆମ୍ଭେମାନେ ଯାଇଥିବୁ<br>ଆମି ଗେଲାଇସବେ ।<br>We shall have eaten<br>ଆମ୍ଭେମାନେ ଖାଇଥିବୁ<br>ଆମି ଖାଦ୍‌ଲାଇସବେ । |
| Future Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ଭବିଷ୍ୟତ | I shall have been going<br>ମୁଁ ଯାଇ ଆସୁଥିବି<br>ମୟଁ ଯାଉଁନ୍ ଆୟେନ୍ଦେ<br>I shall have been eating<br>ମୁଁ ଖାଇ ଆସୁଥିବି<br>ମୟଁ ଖାଉଁନ୍ ଆୟେନ୍ଦେ | We shall have been going<br>ଆମ୍ଭେମାନେ ଯାଇ ଆସୁଥିବୁ<br>ଆମି ଯାଉନଇୟାବେ<br>We shall have been eating<br>ଆମ୍ଭେମାନେ ଖାଇ ଆସୁଥିବୁ<br>ଆମି ଖାଉନ୍ ଇୟାବେ |

| | Second Person - Singular Number<br>ଦ୍ୱିତୀୟପୁରୁଷ – ଏକ ବଚନ | Second Person - Plural Number<br>ଦ୍ୱିତୀୟପୁରୁଷ – ବହୁ ବଚନ |
|---|---|---|
| Future Indefinite<br>ନିତ୍ୟ ପ୍ରବୃତ୍ତ ଭବିଷ୍ୟତ | You will go<br>ତୁ ଯିବୁ<br>ତୁଇ ଯାସେ<br>You will eat<br>ତୁ ଖାଇବୁ<br>ତୁଇ ଖାସେ | You will go<br>ତୁମ୍ଭେମାନେ ଯିବ<br>ତୁମି ମନ୍ ଯାଅହାରେବେ<br>You will eat<br>ତୁମ୍ଭେମାନେ ଖାଇବ<br>ତୁମିମନ୍ ଖାଅହାରେବେ |
| Future Imperfect<br>ଅସଂପୂର୍ଣ୍ଣ ଭବିଷ୍ୟତ | You will be going<br>ତୁ ଯାଉଥିବୁ<br>ତୁଇ ଯାଇତେରା'ହା<br>You will be eating<br>ତୁ ଖାଉଥିବୁ<br>ତୁଇ ଖାଇତେରା'ହା | You will be going<br>ତୁମ୍ଭେମାନେ ଯାଉଥିବ<br>ତୁମିମନ୍ ଯାଇରେରାହା<br>You will be eating<br>ତୁମ୍ଭେମାନେ ଖାଉଥିବ<br>ତୁମିମନ୍ ଖାଇତେରାହା |
| Future Perfect<br>ସଂପୂର୍ଣ୍ଣ ଭବିଷ୍ୟତ | You will have gone<br>ତୁ ଯାଇଥିବୁ<br>ତୁଇ ଅମରୁରାହା<br>You will have eaten<br>ତୁ ଖାଇଥିବୁ<br>ତୁଇ ଖାଦ୍‌ଲିସ୍‌ବେ | You will have gone<br>ତୁମ୍ଭେମାନେ ଯାଇଥିବ<br>ତୁମିମନ୍ ଅମରୁନ୍ ରାହା<br>You will have eaten<br>ତୁମ୍ଭେମାନେ ଖାଇଥିବ<br>ତୁମିମନ୍ ଖାଦ୍‌ଲାସ୍‌ବେ |
| Future Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ଭବିଷ୍ୟତ | You will have been going<br>ତୁ ଯାଇ ଆସୁଥିବୁ<br>ତୁଇ ଯାଉଁନ୍‌ଏସେ<br>You will have been eating<br>ing<br>ତୁ ଖାଇ ଆସୁଥିବୁ<br>ତୁଇଁ ଖାଉଁନ୍‌ଏସେ | You will have been going<br>ତୁମ୍ଭେମାନେ ଯାଇ ଆସୁଥିବ<br>ତୁମିମନ୍ ଯାଉଁନ୍‌ୟାଁସେ<br>You will have been eat-<br>ତୁମ୍ଭେମାନେ ଖାଇ ଆସୁଥିବ<br>ତୁମିମନ୍ ଖାଉଁନ୍‌ୟାଁ ସେ |

| | Third Person - Singular Number<br>ତୃତୀୟପୁରୁଷ - ଏକ ବଚନ | Third Person - Plural Number<br>ତୃତୀୟପୁରୁଷ - ବହୁ ବଚନ |
|---|---|---|
| Future Indefinite<br>ସାମାନ୍ୟ ଭବିଷ୍ୟତ | He / She will go<br>ସେ ଯିବ<br>ହୋନ୍ ଯାଏଁତେ<br>He / She will eat<br>ସେ ଖାଇବ<br>ହୋନ୍ ଖାଏଁନ୍ଦେ | They will go<br>ସେମାନେ ଯିବେ<br>ହୋନ୍‌ମନ୍ ଯାହାଁସେ<br>They will eat<br>ସେମାନେ ଖାଇବେ<br>ହୋନ୍‌ମନ୍ ଖାଉଁନ୍ଦେ |
| Future Imperfect<br>ଅସଂପୂର୍ଣ୍ଣ ଭବିଷ୍ୟତ | He / She will be going<br>ସେ ଯାଉଥିବ<br>ହୋନ୍ ହିଣ୍ଡ୍‌ତେରାହା<br>He / She will be eating<br>ସେ ଖାଉଥିବ<br>ହୋନ୍ ଖାଦେବା | They will be going<br>ସେମାନେ ଯାଉଥିବେ<br>ହୋନ୍‌ମନ୍ ହିଣ୍ଡ୍‌ତେରାହା<br>They will be eating<br>ସେମାନେ ଖାଉଥିବେ<br>ହୋନ୍‌ମନ୍ ଖାଦେବା |
| Future Perfect<br>ସଂପୂର୍ଣ୍ଣ ଭବିଷ୍ୟତ | He / She will have gone<br>ସେ ଯାଇଥିବ<br>ହୋନ୍ ଅମରଲୋବେ<br>He / She will have eaten<br>ସେ ଖାଇଥିବ<br>ହୋନ୍ ଖାଦ୍‌ଲୋବେ | They will have gone<br>ସେମାନେ ଯାଇଥିବେ<br>ହୋନ୍‌ମନ୍ ଅମରାଲାବେ<br>They will have eaten<br>ସେମାନେ ଖାଇଥିବେ<br>ହୋନ୍‌ମନ୍ ଖାଦ୍‌ଲାବେ । |
| Future Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ଭବିଷ୍ୟତ | He / She will have been going<br>ସେ ଯାଇ ଆସୁଥିବ<br>ହୋନ୍ ଯାଉଁନ୍ ଏତେରେଲୋ<br>He / She will have been eating<br>ସେ ଖାଇ ଆସୁଥିବ<br>ହୋନ୍ ଖାଉଁନ୍ ଏତେରୋଲୋ | They will have been going<br>ସେମାନେ ଯାଇ ଆସୁଥିବେ<br>ହୋନମନ୍ ଯାଉଁନ୍ ଏତେରେଲା<br>They will have been been eating<br>ସେମାନେ ଖାଇ ଆସୁଥିବେ<br>ହୋନ୍‌ମନ୍ ଖାଉଁନ୍ ଏତେରେଲା |

# ସାଧାରଣ ବାକ୍ୟାବଳୀ

1. What is your name ?

   ତୁମ ନାମ କ'ଣ ? ଆମା ନିମି ହାୟ ?

   ତୁଲେ ନାୟଁ ନାଓଁ ଆଏଁ ?

2. In which village do you belong ?

   ତୁମେ କେଉଁ ଗ୍ରାମର ଅଟ ?

   ତୁମଲେ କୋନ୍ ଗାଓଁ ଆଏଁ ?

3. What is the name of your village ?

   ତୁମ ଗ୍ରାମର 'ମ କ'ଣ ?

   ତୁମ୍‌ଲେ ଗାଓଁଲେ କାୟଁ ନାଓଁ ଆଏଁ ?

4. Are you married ?

   ତୁମେ ବିବାହ ହୋଇଛ କି ?

   ତୁଇ ବିହା ହୋଲିସ୍ କି ?

5. How many children have you ?

   ତୁମର କେତେଜଣ ପିଲା ଛୁଆ ଅଛନ୍ତି ?

   ତୁମ୍‌ଲେ କିତରୋ ଲୋକାଲେକି ଆଚତ୍ ?

6. How many sons have you ?

   ତୁମର କେତେଜଣ ପୁଅ ଅଛନ୍ତି ?

   ତୁମ୍‌ଲେ କିତରୋ ଲେକା ଆଚତ୍ ?

7. How many daughters have you ?

   ତୁମର କେତେଜଣ ଝିଅ ଅଛନ୍ତି ?

   ତୁମ୍‌ଲେ କିତରୋ ଲେକି ଆଚତ୍ ?

8. Do you have your parents ?

ତୁମର ପିତାମାତା ଅଛନ୍ତି କି ?

ତୁମ୍‌ରେ ଆୟା ବୁବା ଆଚତ୍ କି ନାଇଁ ?

9. What is your father's name ?

ତୁମ ବାପାଙ୍କ ନାମ କ'ଣ ?

ତୁମ୍‌ରେ ବାବାର କାୟଁ ନାଓଁ ଆଏଁ ?

10. What is your monther's name ?

ତୁମ ମା'ଙ୍କ ନାମ କ'ଣ ?

ତୁମରେ ଆୟାର କାୟଁ ନାଓଁ ଆଏଁ ?

11. Do you have your grant parents ?

ତୁମର ଜେଜେ, ଜେଜି ଅଛନ୍ତି କି ?

ତୁମ୍‌ରେ ଆଜା, ଆଜି ଆଚତ୍ କି ?

12. What is your grandfather's name ?

ତୁମ ଜେଜେଙ୍କର ନାମ କ'ଣ ?

ତୁମ୍‌ରେ ଆଜାରେ କାୟଁ ନାଓଁ ଆଓଁ ?

13. What is your grandmother's name ?

ତୁମ ଜେଜି / ଆଈଙ୍କ ନାମ କ'ଣ ?

ତୁମ୍‌ରେ ଆଜି / ଦିଦିରେ କାୟଁ ନାଓଁ ଆଏଁ ?

14. How many brothers have you ?

ତୁମର କେତେଜଣ ଭାଇ ଅଛନ୍ତି ?

ତୁମ୍‌ରେ କିତରୋ ଭାଇ ଆଚତ୍ ?

15. What are there names ?

ସେମାନଙ୍କର ନାମ କ'ଣ ?

ହୁନ୍‌ମନ୍‌ରେ କାୟଁ କାୟଁ ନାଓଓଁ ଆଏଁ ?

16. What are your brothers ?

ତୁମ ଭାଇମାନେ କ'ଣ କରୁଛନ୍ତି ?

ତୁମ୍‌ରେ ଭାଇମନ୍ କାୟଁ କରସୋତ ?

17. Do your brothers help you in your work ?

ତୁମ ଭାଇମାନେ ତୁମକୁ କାମରେ ସାହାଯ୍ୟ କରନ୍ତି କି ?

ତୁମ୍‌ରେ ଭାଇମନ୍ ତୁମ୍‌କେ ବୁତାନେ ସାହାରା କରସତ୍ କି ନାଇଁ ?

18. Which works they prefer to do ?

କେଉଁ କାମ କରିବାକୁ ସେମାନେ ପସନ୍ଦ କରନ୍ତି ?

କୋନ୍ ବୁତା କରତେ କାଜେ ହୋନ୍‌ମନ୍‌କେ ଆଋଲାଗେସେ ?

19. Do they like to live together ?

ସେମାନେ ଏକାଠି ରହିବାକୁ ଭଲ ପାଆନ୍ତି କି ?

ହୋନ୍‌ମନ୍ ଗୋଟ୍‌କି ସାଙ୍ଗେରେଲେ ଆଋଲାଗସି କି ?

20. Do they help to the neighbours in their work ?

ସେମାନେ ପଡ଼ୋଶୀମାନଙ୍କ କାର୍ଯ୍ୟରେ ସହଯୋଗ କରନ୍ତି କି ?

ହୋନ୍‌ମନ୍ ଘରଲଗର ଲୋଗ୍‌ମନ୍‌ର ବୁତାନେ ସାହାରା କରସତ କି ?

21. How many sisters have you ?

ତୁମର କେତେଜଣ ଭଉଣୀ ଅଛନ୍ତି ?

ତୁମ୍‌ରେ କିତରୋ ବହିନ୍ ଆଚତ୍ ?

22. What are their names ?

ସେମାନଙ୍କର ନାମ କ'ଣ ?

ହୋନ୍‌ମନ୍‌ରେ କାୟଁ ବାୟଁ ନାଓଁ ଆଏଁ ?

23. What are your sisters ?

ତୁମ ଭଉଣୀମାନେ କ'ଣ କରୁଛନ୍ତି ?

ତୁମ୍‌ରେ ବହିନ୍‌ମନ୍ କାୟଁ ବୁଢ଼ା କରସତ ?

24. Do they know cooking?

ସେମାନେ ରୋଷେଇ ଜାଣନ୍ତି କି ?

ହୋନ୍‌ମନ୍ ରାନ୍ଧୁଗ୍ ଜାନ୍‌ସତ୍ କି ?

25. Do they sing song in special occasions?

ସେମାନେ ସ୍ୱତନ୍ତ୍ର ଦିବସରେ ଗୀତ ବୋଲନ୍ତି କି ?

ହୋନ୍‌ମନ୍ ଆଉଦିନେ ଗୀତ ଗାଉଁ ଜାନ୍‌ତ୍ କି ?

26. Are your brothers married?

ତୁମର ଭାଇମାନେ ବିବାହ କରିଛନ୍ତି କି ?

ତୁମ୍‌ରେ ଭାଇମନ୍‌ଚୋ ବିହା ହୋଲିକି ?

27. How many brothers have married?

କେତେଜଣ ଭାଇ ବିବାହ କରିଛନ୍ତି ?

କଏଜନ ଭାଇରେ ବିହା ହୋଲିସେ ?

28. How many brothers have not married?

କେତେଜଣ ଭାଇ ବିବାହ କରିନାହାନ୍ତି ?

ତୁମ୍‌ରେ କିତରୋ ଭାଇରେ ବିହା ନି ହେଲାସ୍ ?

29. Are your sisters married?

ତୁମର ଭଉଣୀମାନେ ବିବାହ କରିଛନ୍ତି କି ?

ତୁମ୍‌ରେ ବହିନମନରେ ବିହା ହୋଲିସ କି ?

30. How many sisters have married?

କେତେଜଣ ଭଉଣୀ ବିବାହ କରିଛନ୍ତି ?

କଏଜନ ବହିନ୍‌ରେ ବିହା / ହୋଲିସେ ?

31. How many sisters have unmarried?

କେତେଜଣ ଭଉଣୀ ବିବାହ କରିନାହାନ୍ତି ?

ତୁମ୍‌ରେ କିତରୋ ବହିନ୍‌ରେ ବିହା ନି ହୋଲିସେ ?

32. How many brothers has your father?

ତୁମ ବାପାଙ୍କର କେତେଜଣ ଭାଇ ଅଛନ୍ତି ?

ତୁମ୍ଗ୍ଲେ ବୁବାଗ୍ଲେ କିତ୍ରା ଭାଇ ଆଚତ୍?

33. How many sisters has your father?

ତୁମ ବାପାଙ୍କର କେତେଜଣ ଭଉଣୀ ଅଛନ୍ତି ?

ତୁମ୍ଗ୍ଲେ ବୁବାଗ୍ଲେ କିତରୋ ବହିନ୍ ଆଚତ୍?

34. How many brothers has your mother?

ତୁମ ମା'ଙ୍କର କେତେଜଣ ଭାଇ ଅଛନ୍ତି ?

ତୁମ୍ଗ୍ଲେ ଆୟାଗ୍ଲେ କିତରୋ ଭାଇ ଆଚତ୍?

35. How many sisters has your mother?

ତୁମ ମା'ଙ୍କର କେତେଜଣ ଭଉଣୀ ଅଛନ୍ତି ?

ତୁମଗ୍ଲେ ଆୟାଗ୍ଲେ କିତରୋ ବାହିନ୍ ଆଚତ୍?

36. What do you call your father?

ତୁମ ବାପାଙ୍କୁ ତୁମେ କ'ଣ ଡାକୁଛ ?

ତୁମ୍ଗ୍ଲେ ବୁବାକେ ତୁଗ୍ଲେ କାୟଁ ବଲାନ୍ ବଲାସି?

37. How many families in your village?

ତୁମ ଗ୍ରାମରେ କେତୋଟି ପରିବାର ଅଛନ୍ତି ?

ତୁମ୍ଗ୍ଲେ ଗାଓଁନେ କିତରୋ କୁଟୁମ୍ ଆଚତ୍?

38. How many houses in your village?

ତୁମ ଗ୍ରାମରେ କେତୋଟି ଘର ଅଛି ?

ତୁମ୍ଗ୍ଲେ ଗାଓଁନେ କିତରୋ ଘର ଆଚେ।

39. Who is the village head man?

ତୁମ ଗ୍ରାମର ମୁଖିଆ କିଏ ?

ତୁମ୍ଗ୍ଲେ ଗାଓଁଗ୍ଲେ ମୁକିଆ କୋନ୍?

40. Do the villagers obey him?

ଗ୍ରାମବାସୀମାନେ ତାଙ୍କୁ ମାନନ୍ତି କି ?

ଗାଓ୍ଁଲୋଗ୍‌ମନ୍‌ରେ ହୁନ୍‌କେ ମାନସତ୍ ?

41. Which festivals do the villagers observe?

ଗ୍ରାମବାସୀମାନେ କେଉଁ କେଉଁ ପର୍ବପର୍ବାଣୀ ପାଳନ କରିଥାନ୍ତି ?

ଗାଓଁରେ ଲୋକମନ୍ କୋନ ପରବ୍ ମନରେ ମାନ୍‌ସୋତ୍ ?

42. What is name of your village deity?

ତୁମ ଗ୍ରାମ ଦେବତାଙ୍କ ନାମ କ'ଣ ?

ତୁମ୍‌ରେ ଗାଓଁ ଦେବ୍‌ତାର ନାଓଁ କାଏ ନାଓଁ ଆଏ ?

43. Which festival do the villagers observe the most?

କେଉଁ ପର୍ବଟିକୁ ଗ୍ରାମବାସୀମାନେ ସବୁଠାରୁ ଭଲ ଭାବରେ ପାଳନ କରିଥାନ୍ତି ?

କୋନ୍ ପରବ୍‌କେ ଗାଓଁରେ ଲୋକମନ୍ ସବ୍‌ଠାନୁ ବେଶୀ ଆଗ୍ଲେ ମାନସୋତ୍ ?

44. Which villages stand nearby your village?

ତୁମ ଗ୍ରାମକୁ ଲାଗି ଅନ୍ୟ କେଉଁ କେଉଁ ଗ୍ରାମ ରହିଛି ?

ତୁମ୍‌ରେ ଗାଓଁ ଲଗେ ଆର୍ କାୟ କାୟ ଗାଓଁ ଆଚେ ?

45. Which other caste people do live in the nearby villages?

ପାଖ ଗ୍ରାମଗୁଡ଼ିକରେ ଅନ୍ୟ କେଉଁ ଜାତିର ଲୋକେ ବସବାସ କରିଥାନ୍ତି ?

ପାଶର ଗାଓଁଠାନେ ଆରି କୋନ୍ ଜାତିର ଲୋକମନ୍ ରେବାଏ ଆଚତ୍ ?

46. Do you go to the nearest village ?

ତୁମେ ପାଖ ଗ୍ରାମକୁ ଯାଅ କି ?

(ତୁଇ) ତୁମିତୋ ଲଗର ଗାଓଁକେ ଯାଆସ୍ କି ?

47. What do the villagers collect from the forest ?

ଗ୍ରାମବାସୀମାନେ ଜଙ୍ଗଲରୁ କ'ଣ ସଂଗ୍ରହ କରିଥାନ୍ତି ?

ଗାଓଁରେ ଲୋକମନ୍ କମନ୍ଠାନୁ କାଏଟା ଆନ୍‌ବାଏ ?

48. Do all people put on new dress during the festival ?

ପର୍ବପର୍ବାଣୀମାନଙ୍କରେ ସମସ୍ତେ ନୂଆ ପୋଷାକ ପିନ୍ଧିଥାନ୍ତି କି ?

ପରବ୍ ମନ୍‌ରେ ସବ୍‌ଲୋଗ ନୂଆ କୁର୍ତ୍ତା ଦୋତି ପିନ୍ଧତ୍ କି ?

49. What is the name of the nearest market ?

ନିକଟତମ ହାଟର ନାମ କ'ଣ ?

ଲଗେର ହାଟର (ଆଟ୍) ନାଓଁ କାଏ ନାଓଁ ଆଏ ?

50. What do you eat daily ?

ତୁମେ ପ୍ରତିଦିନ କ'ଣ ଖାଅ ?

ତୁଇ ସବ୍‌ଦିନେ କାଏଟା କାଅହା ?

51. Who is your best friend ?

ତୁମର ପ୍ରିୟ ସାଙ୍ଗ କିଏ ?

ତୁରେ ବଲ୍ ସାଙ୍ଗୁଓ୍ୱାରୀ କୋନ୍ ଆଏ ?

52. How are you ?

ତୁମେ କେମିତି ଅଛ ?

ତୁଇ ନିକ ଆଚୁକି ? ତୁଇ କସନ୍ ଆଚୁ ?

53. Are all other well ?

ଆଉ ସବୁ କୁଶଳ ତ ?

ଆର୍ ସବ୍ ବଲ୍ କି ?

54. How is your health ?

ତୁମର ସ୍ୱାସ୍ଥ୍ୟ କେମିତି ଅଛି ?

ତୁମ୍‌ରେ ଗାଗଡ଼୍ କସନ୍ ଆଚେ ?

55. What do you do when your father suffers ?

ତୁମ ବାପାଙ୍କ ଦେହ ଖରାପ ହେଲେ ତୁମେ କ'ଣ କର ?

ତୁରେ ବାବାର ଗାଗଡ଼୍ ନସ୍‌ଲେ ତୁଇ କାଏଟା କରୁସ୍ ?

56. What do you buy from the market ?

ତୁମେ ହାଟରୁ କି କି ଜିନିଷ କିଣ ?

ତୁଇ ଆଟଥାନୁ କାଏ କାଏ ଜିନ୍‌ଷମନ୍ ଘେନୁସ୍ ? ଘେନୁଁସେ ?

57. How was the rainfall this year ?

ଏ ବର୍ଷ ବର୍ଷାପାଣି କେମିତି ଥିଲା ?

ଏ ସାଲ୍ ପାନି କସନ୍ ରେଲିସ୍ ?

58. How was your harvest this year ?

ଏ ବର୍ଷ ତୁମର ଫସଲ କେମିତି ହୋଇଥିଲା ?

ଏ ସାଲ ତୁମ୍‌ରେ ଧାନପାନ କସନ୍ ହୋଲି ?

59. Did you have a good crops ?

ତୁମର ଭଲ ଫସଲ ହୋଇଥିଲା କି ?

ତୁମ୍‌ରେ ଏସୁ ଆଘ ଧାନ ପାନ ହୋଲିସ୍ କି ?

60. Is there any failure / loss of crops this year ?

ଏବର୍ଷ କୌଣସି ଫସଲ ହାନୀ ହୋଇଛି କି ?

ଏ ସାଲ୍ କୋନି ବୀଜ୍ ନସଲିକି ?

61. If yes, what are the reasons ?

ଯଦି ହଁ, ତେବେ କେଉଁ କାରଣରୁ ହେଲା ନାହିଁ ?

କାୟ କାଜେ ଏସାଲ ବୀଜା ନସଲା ?

62. Are you well now ?

ତୁମେ ଏବେ ଭଲ ଅଛ ତ ?

ତୁଇ ଏବେ ଆରୁ ଆଚୁ କି ?

63. Do you know how to read and write ?

ତୁମେ ପଢ଼ା ଲେଖା ଜାଣ କି ?

ତୁଇ ଲିଖୁପଢୁ ଜାନିସ୍ କି ?

64. What do you like to do ?

ତୁମେ କ'ଣ କରିବାକୁ ଭଲ ପାଅ ?

ତୋର ମନ କାଇ କରୁ ଭାଏଚେ ?

65. What have you eaten today ?

ତୁମେ ଆଜି କ'ଣ ଖାଇଛ ?

ତୁଇ ଆଜି କାୟ ଖାନଲାସ୍ ?

66. Do all of your family members enjoy good health ?

ତୁମ ପରିବାରରେ ସମସ୍ତେ ଭଲରେ ଅଛନ୍ତି କି ?

ତୁମ୍‌ଘେ କୁଟୁମ୍‌ନେ ଆରୁ ଆଚତ୍ କି ?

67. How old are you now ?

ତୁମର ବର୍ତ୍ତମାନ ବୟସ କେତେ ?

ତୁମଘେ ଏବେ କେତେ ସାଲ୍ ଚଲେଚେ ?

68. Do you like to sing?

ତୁମେ ଗୀତ ବୋଲିବାକୁ ଭଲ ପାଅ କି ?

ତୁମି ଗାଓତୋ କାଜେ ଆଗ୍ଧ ଲାଗେସେ କି ?

69. Do you take part in dance?

ତୁମେ ନୃତ୍ୟରେ ଭାଗ ନିଅ କି ?

ତୁମି ନାଟ୍ଥାନେ କାୟ ଭେଗ୍ ବାନ୍ଧାସ୍ କି ?

70. What makes you laugh always?

ତୁମେ କାହିଁକି ସବୁବେଳେ ହସୁଛ ?

ତୁମି କାଇକାଜେ ସଜୀବେଲେ ହାଁସତେ ରେଲୁସ୍‌ନା ?

71. Have you ever helped your friend?

ତୁମେ ତୁମ ସାଙ୍ଗକୁ କେବେ ସାହାଯ୍ୟ କରିଛ କି ?

ତୁମି ତୁମ୍ରେ ସାଙ୍ଗୀକୋ ସାହାରା କରିସ୍ କି ?

72. Have you ever been to the nearest village?

ତୁମେ ପାଖ ଗାଁକୁ କେବେ ଯାଇଛ କି ?

ତୁମ୍ରେ ଗାଁଓ ଲଗେ ଗାଓଁକେ ଗାଲାସ୍ କି ?

73. How many members are there in your family?

ତୁମ ପରିବାରର ସଦସ୍ୟ ସଂଖ୍ୟା କେତେ ?

ତୁମ୍ରେ ଘରମେ କିତରୋ ଲୋକ ଆଚତ୍ ?

74. Who are there in your family?

ତୁମ ପରିବାରରେ କିଏ କିଏ ଅଛନ୍ତି ?

ତୁମ୍ରେ କୁଟୁମ୍‌ନେ କୋନ କୋନ୍ ଲୋକ୍ ଆଚତ୍ ?

75. Do your family members like each other?

ତୁମ ପରିବାରର ଲୋକେ ପ୍ରତ୍ୟେକଙ୍କୁ ଭଲ ପାଆନ୍ତି ତ ?

ତୁମ୍ରେ କୁଟୁମ୍ ସବ୍‌କେ ଆଗ୍ଧ ଲାଗସତ୍ କି ?

76. What is your staple food ?

ତୁମେ ପ୍ରତିଦିନ ମୁଖ୍ୟ ଖାଦ୍ୟ ହିସାବରେ କ'ଣ ଖାଅ ?

ତୁମି ସବ୍‌ଦିନ କାୟ ଖାଉଁସେ ?

77. How many festivals do you observe in a year ?

ବର୍ଷକ ମଧ୍ୟରେ ତୁମେ କେତୋଟି ପର୍ବ ପାଳନ କରିଥାଅ ?

ବରସନେ ତୁମି କିତରୋ ତିହାର ମାନାସି ?

78. Do you earn for your family ?

ତୁମେ ପରିବାର ପାଇଁ ରୋଜଗାର କରୁଛ ତ ?

ତୁମି କୁଟୁମ୍‌କାଜେ କାୟ ଧନ୍ଦା କରାସ ?

79. Is your earning managable for your family ?

ପରିବାର ପାଇଁ ତୁମର ରୋଜଗାର ଚଳଣୀୟ ?

କୁଟୁମକାଜେ ଧନ୍ଦା କ୍‌ରଲେ ଆଣ୍ଟ ହୋଇସି କି ?

80. Are all of your family members capable for earning ?

ପରିବାରର ସମସ୍ତେ ରୋଜଗାରକ୍ଷମ କି ?

କୁଟୁମ୍‌ରେ ସବ୍‌ଲୋକ ଧନ୍ଦା କରୁଆସ କି ?

81. Do you get wages properly ?

ତୁମେ ଠିକ୍ ଭାବରେ ମଜୁରୀ ପାଉଛ ତ ?

ତୁମି ତୁମ୍‌ରେ କୁଲି ପଇସା ମିଲାଇସି କି ?

82. Did any government official come to your village ?

କୌଣସି ସରକାରୀ କର୍ମଚାରୀ ତୁମ ଗ୍ରାମକୁ ଆସିଥିଲେ କି ?

କୋନି ସରକାରୀ ଲୋକ୍ ତୁମରେ ଗାଓଁକେ ଏଉରେଲା କି ?

83. Have you got any grant from the government ?

ତୁମେ ସରକାରଙ୍କଠାରୁ କିଛି ଅନୁଦାନ ପାଇଛ କି ?

ତୁମ୍‌କେ ତୁମ୍‌ରେ ସରକାର କାଇଁ ସହାଜ କରଲୋସେ କି ?

84. Have the government taken any step for the development of your village ?

ତୁମ ଗ୍ରାମର ଉନ୍ନତି ପାଇଁ ସରକାର କିଛି ପଦକ୍ଷେପ ନେଇଛନ୍ତିକି ?

ତୁମ୍‌ରେ ଗାଓଁରେ ସରକାର କାଇଁ ବିଲିସେ କି ?

85. Did you meet any government official last month ?

ତୁମେ ଗତ ମାସରେ କେଉଁ ସରକାରୀ ବାବୁଙ୍କୁ ଭେଟିଥିଲ କି ?

ତୁମି ଆଗେ ମହିନାନେ କୋନି ସରକାରୀ କର୍ମଚାରୀସେ ମିଲିରେଲାସ୍ କି ?

86. Do all the people collect forest produces ?

ସମସ୍ତ ଲୋକ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରନ୍ତି କି ?

ସହିଲୋକ ଖମନ୍‌ନେ ଯାଉଁ କାୟ କାୟ ଆନସତ୍ କି ?

87. Do they sell forest produces ?

ସେମାନେ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରି କରନ୍ତି କି ?

ଓନମନ୍ ଖମନ୍‌ଲେ କାୟ ଚିଜ ଆନୁଆସ ଆଉର ବିକୁଆସ୍ କି ?

88. Are they getting fair price in selling the forest produces ?

ଜଙ୍ଗଲଜାତ ଦ୍ରବ୍ୟ ବିକ୍ରିକରି ସେମାନେ ଉଚିତ୍ ମୂଲ୍ୟ ପାଉଛନ୍ତିକି ?

ଖମନଲେ ଓନମନ୍ ଜିନିଷ ଆନୁସ୍ ଆଉ ମୋଲ୍ ପାଓସତ କି ନାଇଁ ?

89. Where do they sell the forest produces?

ସେମାନେ ଜଙ୍ଗଲଜାତ ଦ୍ରବ୍ୟକୁ କେଉଁଠାରେ ବିକ୍ରି କରନ୍ତି ?

ଓନମନ୍ ଖମନଲେ ଆନୁସ୍ ନିନିଷ ମନ କୋନଥାନେ ବିକସତ୍ ?

90. What do you take / keep with you when you go to the forest?

ତୁମେ ଜଙ୍ଗଲକୁ ଗଲାବେଳେ ସାଥିରେ କ'ଣ ନେଇ ଯାଇଥାଅ ?

ତୁମି ଖମନନେ ଯାଁତୋଯାଏ କାୟ ଦରୁନ୍ ଯାହାତ୍ ?

91. Which visiting spots are there near your village?

ତୁମ ଗାଁ ପାଖରେ କେଉଁ କେଉଁ ଦର୍ଶନୀୟ ସ୍ଥାନ ଅଛି ?

ତୁମ୍‌ଙ୍ଗେ ଗାଓଁଲଗେ କାୟ କାୟ ଦରଶବାସ ?

92. Does any river flow nearby your village?

ତୁମ ଗାଁ ନିକଟରେ କୌଣସି ନଦୀ ଅଛି କି ?

ତୁମ୍‌ଙ୍ଗେ ଗାଁଓଲଗେ କୋନ ନଦୀ ପଡ଼େସେ କି ?

93. Did the village worker come to village in last few days?

ଗତ କିଛିଦିନ ତଳେ ତୁମ ଗ୍ରାମକୁ ଗ୍ରାମସେବକ ଆସିଥିଲେ କି ?

କିତରୋ ଦିନ ଆଗେ ତୁମ୍‌ଙ୍ଗେ ଗାଓଁନେ ଗ୍ରାମସେବକ୍ ଏଓରେଲାକି ?

94. What did he say to you?

ସେ ତୁମ୍ଭମାନଙ୍କୁ କ'ଣ କହିଲେ ?

ହୋନ୍ ତୁମଙ୍ଗେ କାୟ ସାଙ୍ଗ୍‌ଲୋ ?

95. What did you present before the B.D.O.?

ତୁମେ ବି.ଡ଼ି.ଓ.ଙ୍କ ପାଖରେ କେଉଁ କେଉଁ କଥା କହିଲ ?

ତୁମି ବି.ଡ଼ି.ଓ ସାଇବ୍‌ଲେ କାୟ କାୟ ସାଙ୍ଗଲାସ୍ ?

96. Did the B.D.O. give any remarks ?

ବି.ଡ଼ି.ଓ. କିଛ ମନ୍ତବ୍ୟ ଦେଲେ କି ?

ବି.ଡ଼ି.ଓ. ସାଇବ୍‌ଲେ କାୟ ସାଙ୍ଗଲୋ କି ?

97. Is there any hills near your village ?

ତୁମ ଗ୍ରାମ ନିକଟରେ କୌଣସି ପାହାଡ଼ ପର୍ବତ ଅଛି କି ?

ତୁମ୍‌ରେ ଗାଓଁଲଗେ କୋନି ଡଙ୍ଗରି ଡଙ୍ଗରା ଆଚେ କି ?

98. Do you cultivate on the hill ?

ପାହାଡ଼ ଉପରେ ତୁମେ ଚାଷ କରକି ?

ଡଙ୍ଗରି ଉପ୍‌ରେ କାଇଁ ଫସଲ କରୁଆ ?

99. Have you collected much sal seed this year ?

ଏବର୍ଷ ଜଙ୍ଗଲରୁ ଶାଳମଞ୍ଜି ଅଧିକ ସଂଗ୍ରହ କରିଛ କି ?

ଏସୁ ତୁମି ସାର୍ଗିବୀଜା ଖୁଜେ ସକଲାସ୍ କି ? ବିନ୍‌ଲାସ କି ?

100. Have you got any other grant from the government ?

ସରକାରଙ୍କଠାରୁ ଅନ୍ୟ କେଉଁ ଅନୁଦାନ ପାଇଛ କି ?

ସରକାର ତମକେ ପଇସା କଉଡ଼ି ଦିଲସକି ?

101. Does everybody know how to make wine ?

ଗ୍ରାମର ପ୍ରତ୍ୟେକ ମଦ ତିଆରି ଜାଣନ୍ତି କି ?

ଗାଉଁରେ ସୁଇ ମନ୍ଦ ରାନ୍ଧୁ ଜାନତ କି ?

102. What do the villegers do for better living ?

ଭଲରେ ବଞ୍ଚିବା ପାଇଁ ଗ୍ରାମବାସୀମାନେ କ'ଣ କରନ୍ତି ?

ଆଉ ଜୀଉନ୍ ଖାଦୋ କାଜେ ଗାଓଁର ଲୋକ୍ କାୟ କରସେ ?

103. Do both male and female hunt forest animals for living ?

ଉଭୟ ମହିଳା ଓ ପୁରୁଷ ବଞ୍ଚିବା ପାଇଁ ବନ୍ୟ ପଶୁ ଶୀକାର କରନ୍ତି କି ?

ଗାଓଁର୍ ଡ଼ୌକା ଡ଼ୌକି ଗାଓଁନେ ପାରଦ୍ ଯାଉଁ ଆସ୍‌କି ?

104. What type of crops do they sow in their lands ?

ସେମାନେ କେଉଁ ପ୍ରକାରର ଶସ୍ୟ ସେମାନଙ୍କ ଜମିରେ ବୁଣିଥାନ୍ତି ?

ହୋନମନଚ ବେଡାନେ କାୟ କାୟ ବୀଜକେ ବୁନୁଆସ୍ ?

105. Besides hunting, what do they do to earn their livelihood ?

ବଞ୍ଚିବା ପାଇଁ ଶୀକାର ବ୍ୟତୀତ ସେମାନେ କ'ଣ କରନ୍ତି ?

ହୋନମନ୍‌ରେ ଜୀଉନାକାଜେ ପାରଦ୍ ପାଚେ ଆଗି କାୟ କାୟ କରୁଆସ୍ ?

106. Do you have a good relationship with your neighbour ?

ତୁମେ ପଡ଼ୋଶୀମାନଙ୍କ ସହିତ ଉତ୍ତମ ସମ୍ପନ୍ଧ ରଖିଛ କି ?

ତୁମି ପଡ଼ୋଶୀମନରେ ସଙ୍ଗେ ଆଛେ ସମନ୍ଦ ରଖୁଆସ କି ?

107. Do you help the neighbours ?

ତୁମେ ପଡ଼ୋଶୀମାନଙ୍କୁ ସାହାଯ୍ୟ କର କି ?

ତୁମି ପଡ଼ୋଶୀମନରେ ସାହାରା କରାସ୍ କି ? (ସାହାଜ୍ କରାସ୍‌କି ?)

108. Do the neighbours help you ?

ପଡ଼ୋଶୀମାନେ ତୁମକୁ ସାହାଯ୍ୟ କରନ୍ତି କି ?

ପଡ଼ୋଶୀମନ ତୁମରେ ସାହାରା କରସତ୍ କି ?

109. Is there any restriction for other caste marriage ?

ଅନ୍ୟ ଜାତି ସହ ବିବାହ ପାଇଁ କିଛି କଟକଣା ଅଛି କି ?

ଅଲଗ୍ ଜାତି ସଙ୍ଗେ ବିହା କାଜେ କାୟ ବାଦା ଆଚେ କି ?

110. What do you do if a girl of your community marries a boy of another caste ?

ଯଦି ଅନ୍ୟ ଜାତିର ପୁଅ ସହିତ ତୁମ ସମ୍ପ୍ରଦାୟର ଝିଅ ବିବାହ କରେ ତୁମେ କ'ଣ କର ?

ଆଲେ ଅଲଗ୍ ଜାତିର ପିଲା ତୁମ୍‌ରେ ଜାତିର୍ ଟୋକି ସଙ୍ଗେ ବିହା ଏଲେ ତୁମି କାୟ କରାସ୍ ?

111. How does the marriage take place in your community ?

ତୁମ ଜାତିରେ ବିବାହ କିପରି ହୁଏ ?

ତୁମଘେ ଜାତିନେ ବିହା କସନ୍ ହୋଏସେ ?

112. Do all the persons co-operate in collective work ?

ସମୂହ କାର୍ଯ୍ୟରେ ପ୍ରତ୍ୟେକ ବ୍ୟକ୍ତି ସହଯୋଗ କରନ୍ତି କି ?

ସଫା କାମ୍‌ନେ ସବ୍‌ଲୋଇ ସାହାରା କରସତ୍ କି ?

113. What do you do if a person does wrong ?

କୌଣସି ବ୍ୟକ୍ତି ଖରାପ କାମ କଲେ ତୁମେ କ'ଣ କର ?

କୋନି ଲୋକ୍ ଖରାବ କାମ୍ କରଲେ ତୁମି କାୟଟା କରୁଆସ୍ ?

114. Is there any system of punishment ?

ଦଣ୍ଡ ବିଧାନର କିଛି ବ୍ୟବସ୍ଥା ଅଛି କି ?

ଆଲୋ କୋନିଦୋଷ ଡଂଡ଼ ଦେଉନ୍ କି ?

115. Is there a good harvest this year ?

ଏବର୍ଷ ଭଲ ଅମଳ ହୋଇଛି କି ?

ଏସୁ / ଏ ସାଲେ ଆଘ ବୀଜ ଏଲା ଆଚେ କି ?

116. Is the paddy cultivation well ?

ଧାନ ଚାଷ ଭଲ ହୋଇଛି କି ?

ଧାନ ଘଷ ଆଘ ଏଲା ଆଚେକି ?

117. Which type of animals do you keep in your house ?

ତୁମେ କେଉଁ ପ୍ରକାରର ପଶୁ ତୁମ ଘରେ ରଖିଛ ?

ତୁମି କାୟ କାୟ ରକମ୍‌ର ଜନ୍ତୁମନ୍ ତୁମ୍‌ଘେ ଘରେ ରାଖୁଆସ୍ ?

118. How many bullocks and cows have you ?

ତୁମର କେତୋଟି ବଳଦ ଓ ଗାଈ ଅଛନ୍ତି ?

ତୁଘେ କିତରୋ ବୁଇଲା ଆରି ଗାୟ ଆଚତ୍ ?

119. Why do you keep other birds and animlas in your house ?

ତୁମେ ଅନ୍ୟ ପଶୁପକ୍ଷୀଙ୍କୁ ଘରେ କାହିଁକି ରଖିଛ ?

ତୁମି ଅଲଗ୍ ଜନ୍ତୁ ଚେରେ ଘର୍‌ନେ କାୟକାଜେ ରାଖୁଆସ୍ ?

120. Do you have cowshed ?

ତୁମର ଗୁହାଳ ଅଛି କି ?

ତୁରେ କଟା ଶାଲ ଆଚେ କି ?

121. Have you received any seeds free of cost from the Block ?

ତୁମେ ବ୍ଲକ୍‌ରୁ କିଛି ବିହନ ମାଗଣାରେ ପାଇଛ କି ?

ତୁମି ବଲକ୍ ଲଗ୍‌ଲେ କୋନି ବୀଜା ବିଗର ପଇସା କଉଡ଼ନେ ପାଇଲାସ୍ କି ?

122. Have govt. provided you any agricultural implements ?

ତୁମକୁ ସରକାର କିଛି କୃଷି ଯନ୍ତ୍ରପାତି ଯୋଗାଇଛନ୍ତି କି ?

ତୁମ୍‌କୋ ସରକାର କୋନି ଚାଷ ଯତରପାତି ଦେଲାଇଆଚତ୍ କି ?

123. Have you got any other facilities from the government ?

ତୁମେ ସରକାରଙ୍କଠାରୁ ଆଉ କିଛି ସୁବିଧା ସୁଯୋଗ ପାଇଛକି ?

ତୁମି ସରକାର ଲଗ୍‌ଲେ ଆରି କୋନି ସୁବିଦା ପାଏଲା ଆଛସ୍ କି ?

124. What do you use for cutting the paddy ?

ତୁମେ ଧାନ କାଟିବାରେ କ'ଣ ବ୍ୟବହାର କର ?

ତୁମି ଧାନ କାଟ୍‌ତେ କାୟଟା ଦରୁନ୍ ଯାଆତ୍ ?

125. What kind of hunting implements do you use during hunting ?

ତୁମେ ଶୀକାର ବେଳେ କେଉଁ କେଉଁ ଶୀକାର ସାମଗ୍ରୀ ବ୍ୟବହାର କର ?

ତୁମି ପାରଦ୍‌ନେ କୋନି କୋନି ପାରଦ୍ ସାମାନ୍ ଦରୁନ୍ ଯାଆସ୍ ?

126. Do you know how to dance, sing and play a musical instrument ?

ତୁମେ ନାଚିବା, ଗାଇବା ଓ ବାଜା ବଜାଇବା ଜାଣ କି ?

ତୁମି ନାଟ୍ କରୁନ୍, ଗୀତ ଗାଉନ୍ ଆରି ବାଜା ବାଉନ୍ ଜାନ୍‌ସତ କି ?

127. What type of musical instrument do you use while dancing ?

ତୁମେ ନୃତ୍ୟବେଳେ କି କି ପ୍ରକାର ବାଦ୍ୟଯନ୍ତ୍ର ବ୍ୟବହାର କର ?

ତୁମି ନାଟ୍ କରଲା ବେଲେ କାୟ କାୟ ବାଜା ଦରୁନ୍ ଆଲସ୍ ?

128. Do the females wear ornaments ?

ମହିଳାମାନେ ଗହଣା ପିନ୍ଧନ୍ତି କି ?

ମାଏଲୁମନ୍ ଅଲଙ୍କାର୍ ପିନ୍ଧସତ୍ କି ?

129. By which your house is roofed ?

ତୁମର ଘର କେଉଁଥିରେ ଛପର ?

ତୁଲେ ଘର୍ କୋନ୍ ଜିନିସ୍‌ନେ ଛାଉନି ଏଲା ଆଚେ ?

130. Do you feel severe cold here in winter ?

ଶୀତ ଋତୁରେ ତୁମେ ଏଠାରେ ପ୍ରବଳ ଥଣ୍ଡା ଅନୁଭବ କର କି ?

ଶୀତ ଦିନେ ତୁମି ଇଥାନେ ଜବର ଶୀତଲି ଅନୁଭବ କରସୋତ୍ କି ?

131. When do the villagers meet together ?

କେତେବେଳେ ଗ୍ରାମବାସୀମାନେ ଏକତ୍ର ଭେଟ ହୁଅନ୍ତି ?

ଏଦଲ୍‌ଦାଏଁ (କେବେ) ଗାଓଁଲୋକମନ୍ ଗାଟେକ୍ ଜାଗାଥାନେ ଭେଟୁକ୍ ?

132. Do the villagers eat together during special occasions ?

ଗ୍ରାମବାସୀମାନେ ପର୍ବପର୍ବାଣୀରେ ଏକତ୍ର ଭୋଜନ କରିଥାନ୍ତି କି ?

ଗାଓଁ ଲୋକ୍‌ମନ୍ ପରବ୍‌ନେ ଗୋଟେକ୍ ଜାଗାଥାନେ ଖାସୋତ୍ କି ?

133. Do you attend special programmes arranged by the government ?

ସରକାରଙ୍କ ଦ୍ୱାରା ପ୍ରସ୍ତୁତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତୁମେ ଯୋଗ ଦିଅ କି ?

ସର୍‌କାରରେ ସାହାରା ତୟାର୍ କାମ୍‌ମନ୍‌ଥାନେ ତୁମି ଯାଆସ୍ କି ?

134. What do you want for the development of agriculture ?

କୃଷି ଅଭିବୃଦ୍ଧି ପାଇଁ ତୁମେ କ'ଣ ଚାହଁ ?

ଖୁବେ ଚଷ୍ କାଜେ ତୁମି କାୟଟା ମନ୍ କରସୋତ୍ ?

135. How many males are there in your family ?

ତୁମ ପରିବାରରେ କେତେଜଣ ପୁରୁଷ ଅଛନ୍ତି ?

ତୁମରେ କୁଟୁମନେ କିତରୋ ମୁନୁସ୍ ଆଚତ୍ ? (ମୁନୀସ୍) ?

136. How many females are there in your family ?

ତୁମ ପରିବାରରେ କେତେଜଣ ମହିଳା ଅଛନ୍ତି ?

ତୁମରେ କୁଟୁମ୍‌ନେ କିତରୋ ମାଏଙ୍କୁ ଆଚତ୍ ?

137. What is your son doing ?

ତୁମର ପୁଅ କ'ଣ କରୁଛି ?

ତୁମ୍‌ରେ ବେଟା କାୟ ବୁତା କରେଁସେ ?

138. Why did your son discontinue his study ?

ତୁମର ପୁଅ କାହିଁକି ପଢ଼ିଲା ନାହିଁ ?

ତୁମ୍‌ରେ ବେଟା କାୟକାଜେ ନି ପଢ୍‌ଲା ?

139. Is your son capable enough to work now ?

ବର୍ତ୍ତମାନ ତୁମ ପୁଅ କାମ କରିବାକୁ ସମର୍ଥ କି ?

ଏବେ ତୁମ୍‌ରେ ବେଟା ବୁତା କରବାକେ ପାରେ କି ?

140. What do you think for the future of your children ?

ତୁମ ପିଲାମାନଙ୍କ ଭବିଷ୍ୟତ ପାଇଁ ତୁମେ କ'ଣ ଚିନ୍ତା କରିଛ ?

ତୁମ୍‌ରେ ପିଲାମନ୍‌ର ଭବିଷ୍ୟତ କାଜେ ତୁମି କାୟ ଫିକ୍‌ର କରଲାସ୍ ?

141. What is your daughter doing ?

ତୁମ ଝିଅ କ'ଣ କରୁଛି ?

ତୁମରେ ବେଟି କାୟ ବୁତା କରଲାନି ?

142. Is your daughter going to school ?

ତୁମ ଝିଅ ସ୍କୁଲକୁ ଯାଉଛି କି ?

ତୁମରେ ବେଟି ଇସ୍‌କୁଲ ଥାନେ ଯାଏଁସି କି ?

143. What class is she in ?

ସେ କେଉଁ ଶ୍ରେଣୀରେ ପଢୁଛି ?

ଓନ୍ କୋନ୍ କିଲାସ୍‌ଥାନେ ପଢ଼େଁସ ?

144. What does she do at home ?

ସେ ଘରେ କି କି କାମ କରେ ?

ଓନ୍ (ହୋନ୍) ଘରେ କାୟ କାୟ ବୁତା (କାମ୍) କରଓ୍ୱାଁ ?

145. Does she help her mother in home work ?

ସେ ମା'ଙ୍କୁ ଘର କାମରେ ସାହାଯ୍ୟ କରେ କି ?

ଓନ୍ ମାକେ ଘର୍ କାମ୍‌ନେ ସାହାଜ କରଓ୍ୱାଁ କି ?

146. Is there any communication facility to your village ?

ତୁମ ଗାଁ ପାଇଁ ଗମନାଗମନର ସୁବିଧା ଅଛି କି ?

ତୁମ୍‌ରେ ଗାଓଁ କାଜେ ଯାଉନ୍ ଆସୁନ୍ ରୋଡ୍‌ମନ୍‌ର ସୁବିଦା ଆଚେ କି ?

147. How the villagers earn their livelihood ?

ଗ୍ରାମବାସୀମାନେ କିଭଳି ଭାବରେ ଚଳିଥାନ୍ତି ?

ଗାଓଁରେ ଲୋକମନ୍ କସନ କରି ଜୀଉନା କର୍‌ସୋତ୍ ?

148. Do they hunt only animals ?

ସେମାନେ କେବଳ ପଶୁ ଶୀକାର କରନ୍ତି କି ?

ଓନମନ୍ ଖାଲି ଜନ୍ତୁ ପାରଦ କରସୋତ୍ କି ?

149. Why do they hunt the animals ?

ସେମାନେ ପଶୁ ଶୀକାର କାହିଁକି କରନ୍ତି ?

ଓନ୍‌ମନ୍ କାୟକାଙ୍କେ ପାରଦ୍ କରସୋତ୍ ?

150. Do the villagers worship Gods & Goddesses ?

ଗ୍ରାମବାସୀମାନେ ଦେବାଦେବୀଙ୍କୁ ପୂଜା କରନ୍ତି କି ?

ଗାଓଁରେ ଲୋକମନ୍ ଦେବୀଦେବତାକେ ପୂଜା କର୍‌ସୋତ୍ କି ?(ଦେସୋତ୍ କି ?)

151. What the name of the diety they worship ?

ସେମାନେ ପୂଜା କରୁଥିବା ଦେବତାଙ୍କ ନାମ କ'ଣ ?

ଓନମନ୍ ପୂଜା ଦେଉନ୍ (କରୁନ) ଦେବତାର ନାଓଁ କାୟ ନାଓଁଆଏ ?

152. What is the name of the hill near your village ?

ତୁମ ଗାଁ ପାଖରେ ଥିବା ପାହାଡ଼ର ନାମ କ'ଣ ?

ତୁମ୍‌ରେ ଗାଓଁ ଲଗଲେ ରହେସେ ଡଙ୍ଗରିର ନାଓଁ କାୟ ନାଇଁ ଆଏ ?

153. What type of cultivation do you practice on the hill ?

ତୁମେ ପାହାଡ଼ ଉପରେ କ'ଣ ଚାଷ କର ?

ତୁମି ଡଙ୍ଗରି ଉପରେ କାୟଟା ଋଷ କରା ?

154. Is there terrace land on the hill ?

ପାହାଡ଼ ଉପରେ ଥାକ ଥାକ କରି ଜମି ଅଛି କି ?

ଡଙ୍ଗରି ଉପ୍‌ରେ ଉପରକେ ଉପର୍ ୱେଡ଼ା ଆଚେ କି ?

155. What do you harvest?

ତୁମେ କ'ଣ ଅମଳ କର ?

ତୁମି କାୟ ଫସଲ୍ ମିଣ୍ଡାଇବା ଆଋସ?

156. Which crops have you harvest much?

ତୁମେ କେଉଁ ଶସ୍ୟ ବେଶୀ ଅମଳ କର ?

ତୁମି କୋନି ବୀଜା ଖୁବେ / ବହୋତ୍ ପାଉଓଁ?

157. Where do you cultivate?

ତୁମେ କେଉଁ ସ୍ଥାନ ମାନଙ୍କରେ ଚାଷ କର ?

ତୁମି କୋନ୍ ଜାଗାମନଲଗ୍‌ଲେ ଚାଷ କରସୋତ୍?(ହଲ୍ ଫାନ୍ଦ୍‌ସୋତ)

158. When do you harvest?

ତୁମେ କେଉଁ ସମୟରେ ଅମଳ କରିଥାଅ ?

ତୁମି କୋନି ବେଲା ଧାନଫାନ୍ ମିଣ୍ଡାସୋତ୍?

159. When do you start your cultivation?

ତୁମେ କେଉଁ ସମୟରେ ଚାଷ କାମ ଆରମ୍ଭ କର ?

ତୁମି କୋନି ବେଲା ହଲଫାନ୍ଦା ସୁରୁ କରଓଁସ୍?

160. Do you have a good harvest this year?

ତୁମର ଏହି ବର୍ଷ ଭଲ ଅମଳ ହୋଇଛି କି ?

ତୁମ୍‌ରେ ଏସୁ ଆଋ ଫସଲ୍ ଏଲା ଆଚେନି?

161. Do the people practice only shifting cultivation?

ଲୋକମାନେ କେବଳ ପୋଡୁଚାଷ କରନ୍ତି କି ?

ଲୋକମନ୍ ଖାଲି କମନ୍‌କେ ଆଇର୍ ମାରି ଋଷ କଉସୋତ୍‌କି?

162. Is there any water supply facility for cultivation?

ଚାଷ ପାଇଁ ଜଳ ଯୋଗାଣର ସୁବିଧା ଅଛି କି ?

ଋଷର କାଜେ ପାନି ଖେଲାଇବାର୍ ସୁବିଦା ଆଚେ କି?

163. How can you get much harvest from land ?

ତୁମେ କିଭଳି ଭାବରେ ଜମିରୁ ଅଧିକ ଅମଳ ପାଇ ପାରିବ ?

ତମେ କସନ କରି ଓ୍ୱେଡ଼ା ଥାନୁ ଖୁବେ ଫସଲ ମିଲାଇପାରବାସ୍ ?

164. What is name of the nearest market ?

ଗାଁ ପାଖ ହାଟର ନାମ କ'ଣ ?

ଗାଓଁ ଲଗେର . ହାଟ୍‌ର ନାଓଁ କାୟ ନାଓଁ ଆଏ ?

165. What are the name of the markets ?

ହାଟ ଗୁଡ଼ିକର ନାମ କ'ଣ ?

(ସବ୍) ସପା ହାଟମନର୍ ନାଓଁ କାୟ ନାଓଁ ଆଏ ?

166. In which day this market sits ?

କେଉଁ ବାରରେ ଏହି ହାଟଟି ବସେ ?

କୋନ ଓ୍ୱାରନେ ଇ ହାଟ୍ ବସେଁସି ?

167. How far is the market from your village ?

ତୁମ ଗ୍ରାମରୁ ହାଟର ଦୂରତା କେତେ ?

ତୁମ୍‌ରେ ଗାଓଁଚ ହାଟ କିତଗୋ ଦୂର୍ ଥାଏ ?

168. Do you visit the nearest market ?

ତୁମେ ପାଖ ହାଟକୁ ଯାଅ କି ?

ତୁମି ଲଗଲେ ହାଟକେ ଯାଅହା କି ?

169. Why do you visit the market ?

ତୁମେ ହାଟକୁ କାହିଁକି ଯାଅ ?

ତୁମି କାୟକାଜେ ହାଟେ (ବଜାରେ) ଯାଆହା ?

170. What kinds of goods are sold largely in the market ?

ହାଟରେ ସବୁଠାରୁ କେଉଁ ଜିନିଷ ଅଧିକ ବିକ୍ରି ହୁଏ ।

ବଜାର ଲଗ୍‌ଲେ କୋନ୍ ଚିଜ୍‌ମନ୍ ସବ୍‌ସେ ଅଦିକ୍ ବିକ୍‌ସନ୍ ?

171. What type of goods are sold in the market ?

ହାଟରେ କେଉଁ କେଉଁ ଜିନିଷ ବିକ୍ରି ହୁଏ ?

ବଜାର ଲଗ୍‌ଲେ କୋନି କୋନି ଚିଜ୍ (ଜିନ୍‌ସ) ମନ୍ ବିକୁନ୍‌ଦେସ୍ / (ବିକୁନ୍) ?

172. What do you buy from the market ?

ତୁମେ ହାଟରୁ କ'ଣ କିଣ ?

ତୁମି ବଜାର୍ ଲଗ୍‌ଲେ କାୟଟା ଘେନ୍‌ହା ?

173. Does everybody visit to the market ?

ପ୍ରତ୍ୟେକ ଲୋକ ହାଟକୁ ଯାଆନ୍ତି କି ?

ସବ୍ ଲୋକିମନ୍ ବାଜାରକେ (ହାଟ୍‌କେ) ଜାସୋତ୍ କି ?

174. Does everybody go to the market only to visit it ?

ପ୍ରତ୍ୟେକ ଲୋକ ହାଟକୁ ବୁଲିବାକୁ ଯାଆନ୍ତି କି ?

ସବ୍ ଲୋକିମନ୍ ବଜାରନେ (ହାଟ୍‌କେ) ବୁଲ୍‌ବାକେ ଜାସୋତ୍ କି ?

175. Do you observe different festivals in a year ?

ବର୍ଷକରେ ତୁମେ ବିଭିନ୍ନ ପର୍ବପର୍ବାଣୀ ପାଳନ କର କି ?

ବରଷନେ ତୁମି ଅଲଗ୍ ଅଲଗ୍ ପରବ୍‌ମନ ମାନସୋତ୍ କି ?

176. When do you observe crop cutting festival ?

ତୁମେ କେଉଁ ସମୟରେ ଧାନକଟା ପର୍ବ ପାଳନ କର ?

ତୁମି କୋନି ବେଲା ଧାନ୍ ତୁଲାଉଁନ୍ ପରବ୍ ମାନିସ୍ ?

177. Whom do you worship in that festival ?

ସେହି ପର୍ବରେ ତୁମେ କାହାକୁ ପୂଜା କର ?

ହାଏ ପରବ୍‌ନେ ତୁମି କାକେ ଦିଆନ୍ କରୁଓ୍ୱାଁ ?

178. Why do you worship that diety/Goddess ?

ତୁମେ କାହିଁକି ସେହି ଦେବତାଙ୍କୁ ପୂଜା କର ?

ତୁମି କାୟକାଜେ ହାଏ ଦେବ୍‌ତାକେ ପୂଜା କରୁଓ୍ୱାଁ ?

179. How do you worship the diety in this festival ?

ତୁମେ ଏହି ପର୍ବରେ ଦେବଦେବୀଙ୍କୁ କିପରି ପୂଜାକର ?

ତୁମି ଇ ପରବ୍‌ନେ ଦେଇଦେଇକେ କସନ୍ ପୂଜା କରଓ୍ୱାଁ ?

180. Who worships the diety in this festival ?

ଏହି ପର୍ବରେ କିଏ ପୂଜା କରନ୍ତି ?

ଇ ପରବ୍‌ନେ କୋନି ପୂଜା କରେଁସେ ?

181. What do you call to the village priest ?

ତୁମେ ପୂଜକଙ୍କୁ କ'ଣ ଡାକ ?

ତୁମି ପୂଜାରୀକେ କାୟ ବୋଲି ବଲାସୋତ୍ (ସାଙ୍ଗେଦେ) ?

182. Is there any dance programme in this festival ?

ଏହି ପର୍ବରେ କୌଣସି ନୃତ୍ୟ ପରିବେଷଣର କାର୍ଯ୍ୟକ୍ରମ ଥାଏକି ?

ଏଇ ପରବ୍‌ନେ କୋନି ନାଚ୍ କରଓ୍ୱା କାମମନ ହୋଏସେ କି ?

183. Do both the male and female dance together ?

ଉଭୟ ପୁରୁଷ ଓ ମହିଳା ଏକତ୍ର ନୃତ୍ୟ କରିଥାଆନ୍ତି କି ?

ମୁନୁଷ ଆରି ମାଏକୁ ମନ ଗୋଟେକ୍ ଜାଗାଲଗେ ନାଚ୍ କରସୋତ୍ କି ?

184. Do the people eat together after the dance ?

ନୃତ୍ୟ ଶେଷରେ ସମସ୍ତଲୋକ ଏକାଠି ଭୋଜନ କରିଥାଆନ୍ତି କି ?

ନାଟ୍ ସରାସରି ସବ୍‌ଲୋକ୍‌ମନ୍ ଗୋଟେକ ଜାଗାଲଗେ ଖାସୋତ୍ କି ?

185. What items are cooked in that feast ?

ସେହି ଭୋଜିରେ କ'ଣ କ'ଣ ରନ୍ଧା ଯାଇଥାଏ ?

ଏଇ ବୋଜି ଲଗେ କାୟ କାୟଟା ରାନ୍ଧା ବନାଉନ୍ ଦେ ?

186. Is animal sacrified in this festival ?

ଏହି ପର୍ବରେ ପଶୁବଳୀ ଦିଆଯାଏ କି ?

ଏଇ ପରବ୍‌ନେ ଜନ୍ତୁ ପୂଜନ ଦେଉନ୍ କି ? (ଦେସୋତ୍ କି)

187. What animal is sacrificed in this festival ?

ଏହି ପର୍ବରେ କେଉଁ ପଶୁକୁ ବଳୀ ଦିଆଯାଏ ?

ଏଇ ପରବ୍‌ନେ କୋନି ଜନ୍ତୁକେ ପୂଜନ୍ ଦେସୋତ୍ ?

188. Have any developmental works undertaken in your village ?

ତୁମ ଗ୍ରାମରେ କିଛି ଉନ୍ନୟନ ମୂଳକ କାର୍ଯ୍ୟ ହୋଇଛି କି ?

ତୁମ୍‌ରେ ଗାଓଁରେ କୋନି ବଡ଼ନୀକାମମନ୍ ଏଲି କି ?

189. Is there any facility of drinking water in your village ?

ତୁମ ଗ୍ରାମ ପାଇଁ ପିଇବା ପାଣିର ସୁବିଧା ଅଛି କି ?

ତୁମରେ ଗାଓଁନେ ପିଉତୋ ପାନିର ସୁବିଦା ଆଚେକ ?

190. Are the village roads narrow ?

ଗ୍ରାମର ରାସ୍ତାଗୁଡ଼ିକ ଅଣଓସାରିଆ କି ?

ଗାଓଁରେ ରୋଡ୍‌ମନ୍ ସପୁର୍ କି ? (ସଂକ୍‌ଡ଼ା କି) ?

191. How far is the Gram Panchayat from your village ?

ତୁମ ଗ୍ରାମଠାରୁ ପଞ୍ଚାୟତର ଦୂରତା କେତେ ?

ତୁମରେ ଗାଓଁଠାନୁ ପଞ୍ଚାତ୍ କିତରୋ ଦୂର୍ଆଏ ?

192. Does the Gram Panchayat help the people ?

ଗ୍ରାମ ପଞ୍ଚାୟତ ଲୋକଙ୍କୁ ସାହାଯ୍ୟ କରେ କି ?

ଗାଓଁ ପାଞ୍ଚାତ୍ ଲୋକମନ୍‌କେ ସାହିଜ କରେଁ ସେ କି ?

193. Which type of help it provides to the people ?

କେଉଁ ପ୍ରକାର ସାହାଯ୍ୟ ଏହା ଲୋକମାନଙ୍କୁ ଯୋଗାଇଥାଏ ?

ଏଇ କୋନି ରକମର ସାହିଜ୍ ଲୋକମନ୍‌କେ ଯୋଗାଡ଼ ଦେଏଁସେ ?

194. Does the Sarapanch listen to the people ?

ସରପଞ୍ଚ ଲୋକମାନଙ୍କର କଥା ଶୁଣନ୍ତି କି ?

ସରପଞ୍ଚ ଲୋକ୍‌ମନ୍‌ର ଗୋଟମନ୍‌କେ ସୁନେଁସେ କି ?

195. Does the Sarapanch come to your village ?

ତୁମ ଗ୍ରାମକୁ ସରପଞ୍ଚ ଆସନ୍ତି କି ?

ତୁମରେ ଗାଓଁକେ ସରପଞ୍ଚ ଆସୋତ୍ କି ?

196. Which developmental work the Gram Panchayat has undertaken ?

ଗ୍ରାମ ପଞ୍ଚାୟତ କେଉଁ ଉନ୍ନତି ମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛି ?

ଗାଓଁ ପାଞ୍ଚାତ୍ କୋନି ବାଢ଼ନ୍ ଯାଏଁ ସେ କାମମନ୍ ହାତେ ଦରଲିସ୍ ?

197. Is there any electric facility for your village ?

ତୁମ ଗ୍ରାମ ପାଇଁ ବିଦ୍ୟୁତର ସୁବିଧା ଅଛି କି ?

ତୁମ୍‌ରେ ଗାଓଁକାଜେ କାରେଣ୍ଟ ସୁବିଦା ଆଚେ କି ? (ବିଜ୍‌ଲି ଉଜର୍)

198. If not,have government given any words for electrification ?

ଯଦି ନୁହେଁ, ବିଦ୍ୟୁତ ଯୋଗାଣ ପାଇଁ ସରକାର କିଛି ପ୍ରତିଶ୍ରୁତି ଦେଇଛନ୍ତି କି ?

ନି ଆଲେ, କାରେଣ୍ଟ ଯୋଗାଡ଼୍ କାଜେ ସରକାର କାୟଟା ସାଙ୍ଗଲା ଆଚେ କି ?

199. Where do you bring water ?

ତୁମେ କେଉଁଠାରୁ ପାଣି ଆଣ ?

ତୁମି କୋନିଠାନୁ ପାନି ଆନୁଆସ୍ ?

200. Where do you bring in summer ?

ତୁମେ ଗ୍ରୀଷ୍ମଦିନେ କେଉଁଠାରୁ ପାଣି ଆଣ ?

ତୁମି ଘାମ୍‌ଦିନେ କୋନିଠାନୁ ପାନି ଆନୁଆସ୍ ?

201. Do you feel scares of water in summer ?

ତୁମେ ଗ୍ରୀଷ୍ମଦିନେ ଜଳର ଅଭାବ ଅନୁଭବ କର କି ?

ତୁମି ଘାମ୍‌ଦିନେ ପାନିର ଦଣ୍ଡ (ଡ଼ଂଡ୍) ପାଉନ୍ କି ?

202. Do all enjoy good health ?

ସମସ୍ତଙ୍କ ସ୍ୱାସ୍ଥ୍ୟ ଭଲ ଅଛି କି ?

ସବ୍‌ଲୋକ୍‌ମନର ଦେହେଁ ଆଲ୍ଲ ଲାଗେ କି ?

203. Do you feel decrease of your health ?

ତୁମ ସ୍ୱାସ୍ଥ୍ୟରେ ଅବନତି ଘଟିଛି କି ?

ତୁମ୍‌ରେ ଦେହେଁ ନସଲା ଆଚେକି ?

204. What are causes of decrease of health ?

ସ୍ୱାସ୍ଥ୍ୟ ହାନୀର କାରଣ କ'ଣ ?

କାୟକାଜେ ଦେହେଁ ନସଲା ?

205. What type of diseases are breaking out in your village ?

ତୁମ ଗ୍ରାମରେ କେଉଁ କେଉଁ ରୋଗ ବ୍ୟାପିଛି ?

ତୁମରେ୍ ଗାଓଁଠାନେ କୋନି କୋନି ରୋଗ୍‌ମନ୍ ଉଦ୍‌ତୁନେଁସେ ?

206. What do you do when you suffer from disease ?

ରୋଗ ହେଲେ ତୁମେ କ'ଣ କର ?

ରୋଗ୍ ହୋଲି ତୁମି କାୟଟା କରୱାଁସ୍ ?

207. How far is the hospital from your village ?

ତୁମ ଗ୍ରାମଠାରୁ ଡାକ୍ତରଖାନା କେତେ ଦୂର ?

ତୁମ୍‌ରେ୍ ଗାଓଁଠାନୁ ଆସ୍‌ପାତାଲି କିତରୋ ଦୂର୍ ?

208. Do the doctors visit your village ?

ଡାକ୍ତରମାନେ ତୁମ ଗ୍ରାମକୁ ପରିଦର୍ଶନରେ ଆସନ୍ତି କି ?

ଡାକ୍‌ତରମନ୍ ତୁମରେ୍ ଗାଓଁକେ ଦକ୍‌ବାଜେ ଆଓସାତ୍ କି ?

209. Do they provide you medicines free of cost ?

ସେମାନେ ତୁମକୁ ମାଗଣାରେ ଔଷଧ ଯୋଗାଇ ଦିଅନ୍ତି କି ?

ଓନିମନ୍ ତମ୍‌କେ ଓଷ ପତର କାଜେ ପଇସା କଉଡ଼ିମନ ନି ନେଉଁସେ କି ?

210. Do you have faith on elopathic medicine ?

ଡାକ୍ତରୀ ଔଷଧ ଉପରେ ତୁମର ବିଶ୍ୱାସ ଅଛି କି ?

ଡାକତର ଓଷ ଉପ୍‌ରେ ତୁମ୍‌ରେ୍ ବିଶୁଆସ୍ ରହତ୍ କି ? (ଆଚେକି)

211. Have you much faith on herbal medicine ?

ଆୟୁର୍ବେଦିକ ଔଷଧ ଉପରେ ତୁମର ଅଧିକ ବିଶ୍ୱାସ ଅଛି କି ?

ଚେରମୂଳି ଓଷ ଉପ୍ରେ ତୁମ୍ରେ ଅଦିକ୍ ବିଶୁଆସ୍ ରହତ୍ କି ?

212. Do you recover fastly by taking herbal medicine ?

ଆୟୁର୍ବେଦିକ ଔଷଧ ବ୍ୟବହାର ଦ୍ୱାରା ତୁମେ ଶୀଘ୍ର ଆରୋଗ୍ୟ ହୁଅ କି ?

ଚେରମୂଳି ଓଷକେ ବାଏଁର କରଓ୍ୱାଁ ତୁମି ଢଲଦି ଭଲାଇ ପାଓସୋତ୍ କି ?

213. Where do you collect the herbal medicine ?

ତୁମେ ଆୟୁର୍ବେଦିକ ଔଷଧ କେଉଁଠାରୁ ସଂଗ୍ରହ କର ?

ତୁମି ଚେରମୂଳି ଓଷ୍ କୋନିଢାଗାଠାନୁ (କୋନିଠାନୁ) ମିଲାସୋତ୍ ?
(ବିନ୍‌ସୋତ୍) ?

214. Do you collect all the herbal medicines from the forest ?

ପ୍ରତ୍ୟେକ ଆୟୁର୍ବେଦିକ ଔଷଧ ତୁମେ ଜଙ୍ଗଲରୁ ସଂଗ୍ରହ କରକି ?

ସବ୍ ଚେରମୂଳି ଓଷ ତୁମି କମନଥାନୁ ବିନ୍ ସୋତ୍ କି ?

215. Do you know anything about the origin of your community ?

ତୁମ ସଂପ୍ରଦାୟର ସୃଷ୍ଟି ବିଷୟରେ ତୁମେ କିଛି ଜାଣ କି ?

ତୁମ୍ରେ କୂଳ କସନ୍ ଢନମଲାଇ ଗୋଟ୍‌କେ ଢାନାସ୍ କି ?

216. Have you a good relation with other communities ?

ତୁମର ଅନ୍ୟ ସଂପ୍ରଦାୟ ସହିତ ଉତ୍ତମ ସମ୍ବନ୍ଧ ଅଛି କି ?

ତୁମ୍ରେ ଅଲଗ କୁଲ୍ ସଙ୍ଗେ ଆଉ ସମନ୍ଦ ଆଚେକି ?

217. How does marriage occurs in your community ?

ତୁମ ସଂପ୍ରଦାୟରେ ବିବାହ କିପରି ହୁଏ ?

ତୁମ୍ରେ ବଂନ୍‌ଶୋନେ ବିହାକାମ୍ ବସନ୍ କରୁଓ୍ୱାଁ ? (କସନ୍ କରସୋତ୍ ?

218. Is your pecuniary / financial condition well ?

ତୁମର ଆର୍ଥିକ ପରିସ୍ଥିତି ଭଲ ଅଛି କି ?

ତୁମ୍‌ରେ ପଇସା କଉଡ଼ି ଅବସ୍ଥା ଆଛ ଆଚେ କି ?

219. How will be your financial condition well ?

କିଭଳି ଭାବରେ ତୁମର ଆର୍ଥିକ ପରିସ୍ଥିତି ଭଲ ରହିବ ?

କସନ୍ କରି ତୁମ୍‌ରେ ଧନପନ ଅବସ୍ଥା ଆଛ ରହେଁସେ ?

220. What can make your living style better ?

କ'ଣ କଲେ ତୁମର ଚଳଣୀ ଭଲ ହୋଇପାରିବ ?

କାୟଟା କରଲେ ତୁମ୍‌ରେ ଜୀଉଁନା ପାଓନା ଆଛ ହୋଦେଫାରି ?

221. What can be done to sort out your problems ?

ତୁମର ଅସୁବିଧା ସୁଧାରିବା ପାଇଁ କ'ଣ କରାଯାଇପାରେ ?

ତୁମ୍‌ରେ ଅସୁବିଦା ଭଲାଇ କରଓ୍ୱାଁ କାଜେ କାୟଟା କରସୋତ୍ ପାରି ?

222. Who are more manivolent / harmful to you ?

କେଉଁମାନେ ତୁମର ବେଶୀ କ୍ଷତିକାରକ ?

କୋନିମନି୍ ତୁମ୍‌ରେ ବଡ଼ ବଇରୀ ?

223. What injuries they cause to you ?

ସେମାନେ ତୁମର କ'ଣ କ୍ଷତି କରୁଛନ୍ତି ?

ଓନ୍‌ମନ୍ ତୁମ୍‌ରେ କାୟଟା ନସାଉନ୍ ଦେଏଁସୋତ୍ ?

224. What do you think to revenge / retaliate ?

ତୁମେ କିଭଳି ପ୍ରତିଶୋଧ ନେବ ବୋଲି ଭାବୁଛ ?

ତୁମ କସନ୍‌କରି ଇ କାମ୍‌ରେ ଉଲଟ୍‌ା କରଓ୍ୱାଁକେ ଫିକର୍ କରସୋତ୍ ?

225. Who do love / like you much ?

କେଉଁମାନେ ତୁମକୁ ବେଶୀ ଭଲ ପାଆନ୍ତି ?

କୋନିମନ ତମକେ ଖୁବେ ଶରଦା (ମୟା)ପାଓସୋତ୍ (କରସୋତ୍) ?

226. Why do they love you very much?

ସେମାନେ ତୁମକୁ କାହିଁକି ବେଶୀ ଭଲ ପାଆନ୍ତି ?

ଓନିମନ ତୁମରେ କାୟକାଜେ ଖୁବେ୍ ମୟା କରସୋତ/ଶରଦା ପାଓସୋତ୍ ?

227. Do you love them / each other?

ତୁମେ ସେମାନଙ୍କୁ ଭଲ ପାଅ କି ?

ତୁମି ଓନିମନ୍‌କେ ମୟା ପାଓସୋତ୍ କି ?

228. Do not you like them very much?

ତୁମେ ସେମାନଙ୍କୁ ବେଶୀ ଭଲ ପାଅ ନାହିଁ କି ?

ତୁମି ଓନିମନ୍‌କେ ଖୁବେ ମୟା ନି ପାଓସୋତ୍ କି ?

229. Do they visit you seldom?

ସମୟେ ସମୟେ ସେମାନେ ତୁମ ନିକଟକୁ ଆସନ୍ତି କି ?

କେବେ କେବେ ଓନିମନ୍ ତୋମର ଲଗେ ଆସୋତ୍ କି ?

230. Do they ask you personally?

ସେମାନେ ତୁମକୁ ବ୍ୟକ୍ତିଗତଭାବେ ପଚାରନ୍ତି କି ?

ଓନିମନ୍ ତୋମକେ ଗୋଟେକ୍ ଗୋଟେକ୍ ଲୋକ ପଘରୁନ୍‌ଦେସୋତ୍ କି ?

231. Who are exploiting you?

କେଉଁମାନେ ତୁମକୁ ଶୋଷଣ କରୁଛନ୍ତି ?

କୋନିଲୋକ୍‌ମନ୍ ତୋମ୍‌କେ ଜିକି ଖାଏଁସୋତ/ରେସଲାସୋତ୍ ?

232. Why are they exploiting you?

ସେମାନେ କାହିଁକି ତୁମକୁ ଶୋଷଣ କରୁଛନ୍ତି ?

ଓନିମନ୍ କାୟକାଜେ ତୋମକେ ଜିକି ଖାଦ୍‌ଲାବେ ? ଚୋସ୍‌ଲାବେ ?

233. How do they exploit you ?

କିଭଳି ଭାବରେ ସେମାନେ ତୁମକୁ ଶୋଷଣ କରୁଛନ୍ତି ?

କସନ୍ କରି ଓନିମନ୍ ତୁମରେ ଜିକି ଖାଦ୍‌ଲାବେ/ (ଚୋସ୍‌ଲାବେ) ?

234. What are the media they follow to exploit you ?

ସେମାନେ ତୁମକୁ ଶୋଷଣ କରିବାରେ କି ପ୍ରକାର ମାଧ୍ୟମ ଗ୍ରହଣ କରିଛନ୍ତି ?

ଓନିମନ୍ ତୋମ୍‌କେ ଜିକି ଖାଏଁ ସେ (ଚୋସ୍‌ନା କାଜେ) କସନ ରକମର ଉପାୟମନ୍ ଦରଲାସୋତ୍ ?

235. What do you think to make yourselves free from exploitation ?

ତୁମେ କିଭଳି ଭାବରେ ଶୋଷଣମୁକ୍ତ ହୋଇପାରିବ ବୋଲି ଚିନ୍ତା କରୁଛ ?

ତୁମି କସନ କରି ବେଡ଼ା ପାର୍ କାଜେ ଉପାୟମନ ଫିକ୍‌ର କରତ୍‌ରଅତ ?

236. Have you ever struggled against the exploitors ?

ତୁମେ ଶୋଷଣକାରୀଙ୍କ ବିରୁଦ୍ଧରେ କେବେ ସଂଗ୍ରାମ କରିଛ କି ?

ତୁମି ଇ ଜିକି ଖାଇଁସେ (ଚୋସ୍‌ନା) ଲୋକ୍‌ମନର୍ ସଙ୍ଗେ ଏଦାଏଁ ଜୁଦ୍ କରତେରାହାକି ?

237. Whom do you consider as a big officer ?

ତୁମେ କାହାକୁ ବଡ଼ ଅଫିସର / କର୍ମଚାରୀ ବୋଲି ଭାବୁଛ ?

ତୁମି କାକେ ବଡ଼ ଅଦିକାରୀ (ବାବୁ) ବୋଲି ଭାବ୍‌ସୋତ୍ ?

238. Have you ever got a chance to see the big officer ?

ତୁମେ ସେହି ବଡ଼ ଅଫିସରଙ୍କୁ କେବେ ଦେଖିବାର ସୁଯୋଗ ପାଇଛ କି ?

ତୁମି ହାଏ ବଡ଼ ବାବୁକେ (ଆଦିକରୀ) କେଡ଼୍‌କିଦାଏଁ ଦଖିବାର ବେଲ ପାଏଲିସ୍ କି ?

239. Does that big officer listen / understand your problems / sorrow ?

ସେହି ବଡ଼ ଅଫିସର ତୁମମାନଙ୍କର ଦୁଃଖ ବୁଝନ୍ତି କି ?

ହାଏ ବିଡ୍ ଅଦିକାରୀ ବାବୁ ତୋମନ୍‌ଗ୍ଲେ ଦୁକ୍ ସମ୍‌ଜୋସୋତ୍ କି / ସୁନ୍‌ସୋତକି ?

240. Does he attain you in time of need / sorrow ?

ଦୁଃଖ ସମୟରେ ସେ ତୁମ ନିକଟରେ ଆସି ପହଞ୍ଚନ୍ତି କି ?

ଦୁକ୍ ବେଲା ଓନି ତୁମ୍‌ଗ୍ଲେ ଲଗେ ଆସତ୍ କି ?

241. Can he tolerate your sorrows ?

ସେ ତୁମର ଦୁଃଖ ସହ୍ୟ କରିପାରନ୍ତି କି ?

ଓନି ତୁମ୍‌ଗ୍ଲେ ଦୁକ୍ ସହସୋତ୍ କି ?

242. To which Govt. officer do you like / love most ?

ତୁମେ କେଉଁ ସରକାରୀ କର୍ମଚାରୀଙ୍କୁ ଅଧିକ ଭଲ ପାଅ ?

ତୁମି କୋନି ସରକାରୀ ବାବୁକେ ଖୁବେ ମୟା ପାଓସୋତ୍ ?

243. Why do you like that officer very much ?

ତୁମେ ସେହି ସରକାରୀ କର୍ମଚାରୀଙ୍କୁ କାହିଁକି ବେଶୀ ଭଲ ପାଅ ?

ତୁମି ହାଏ ସରକାରୀ ବାବୁକେ କାୟକାଜେ ଖୁବେ ମୟା ପାଓସୋତ୍ ?

244. Whom do you fear much ?

ତୁମେ କାହାକୁ ବେଶୀ ଡରିଥାଅ ?

ତୁମି କାକେ ଖୁବେ ଭୟ୍ ପାଓସୋତ୍ ? (କରସୋତ୍)

245. Why are you afraid of them ?

ତୁମେ କାହିଁକି ସେମାନଙ୍କୁ ଡରିଥାଅ ?

ତୁମି କାୟକାଜେ ଓନିମନ୍‌କେ ଭୟ ପାଓସୋତ୍ ? (କରସୋତ୍) ?

246. Are you afraid of the Police officer ?

ତୁମେ ପୋଲିସ୍ କର୍ମଚାରୀଙ୍କୁ ଡ଼ର କି ?

ତୁମି ପୁଲିସ୍ ବାବୁମନ୍‌କେ ଭୟ୍ କରାସ୍ କି ?

247. Why are you afraid of the Police officer ?

ତୁମେ କାହିଁକି ପୋଲିସ୍ କର୍ମଚାରୀଙ୍କୁ ଭୟ କର ?

ତୁମି କାୟକାଜେ ପୁଲିସ୍‌ବାବୁମନ୍‌କେ ଭୟ୍ କରେଁସେ ?

248. How far is the Police Station from your village ?

ତୁମ ଗ୍ରାମଠାରୁ ଥାନା କେତେ ଦୂର ?

ତୁମ୍‌ରେ ଗାଓଁଲଗ୍‌ଲେ ଥାନା କିତ୍‌ରୋ ଦୂର ଆଏ ?

249. Has the Police officer ever come to your village ?

ପୋଲିସ୍ ଅଫିସର ତୁମ ଗ୍ରାମକୁ କେବେ ଆସିଛନ୍ତି କି ?

ପୁଲିସ୍‌ବାବୁମନ୍ ତୁମ୍‌ରେ ଗାଓଁକୋ କେବେ ଆଏଲାସ୍‌କି ?

250. Have you ever seen the policemen ?

ତୁମେ ପୋଲିସ ମାନଙ୍କୁ କେବେ ଦେଖିଛ କି ?

ତୁମି ପୁଲିସ୍ ଲୋକ୍‌ମନକେ କେଡ଼େଦାଏଁ ଦଖିରେଲୋ କି ?

251. Is there any school in your village ?

ତୁମ ଗ୍ରାମରେ ବିଦ୍ୟାଳୟ ଅଛି କି ?

ତୁମ୍‌ରେ ଗାଓଁ ଲଗ୍‌ଲେ (ଠାନେ) ଇସ୍‌କୁଲ୍ ଆଚେ କି ?

252. How far is the school from your village ?

ତୁମ ଗ୍ରାମଠାରୁ କେତେ ଦୂରରେ ବିଦ୍ୟାଳୟ ଅଛି ?

ତୁମ୍‌ରେ ଗାଓଁ ଲଗ୍‌ଲେ ଇସ୍‌କୁଲ୍ କିତ୍‌ରୋ ଦୂର ଆଏ ?

253. Is there any Sevasram Schoiol in your village or near your village?

ତୁମ ଗ୍ରାମରେ / ଗ୍ରାମ ନିକଟରେ ସେବାଶ୍ରମ ଅଛି କି ?

ତୁମରେ୍ ଗାଓଁନେ / ଗାଓଁ ଲଗ୍‌ଲେ ସେବାଶ୍ରମ ଆଚେ କି ?

254. How far is the Sevasram from your village?

ତୁମ ଗ୍ରାମଠାରୁ ସେବାଶ୍ରମ କେତେ ଦୂର ?

·ତୁମରେ୍ ଗାଓଁ ଲଗ୍‌ଲେ ସେବାଶ୍ରମ କିତ୍‌ରୋ ଦୂର ଆଏ ?

255. What is the name of that Sevasram?

ସେହି ସେବାଶ୍ରମର ନାମ କ'ଣ ?

ହାଏ ସେବାଶ୍ରମରେ୍ ନାଓଁ କାୟ ନାଓଁ ଆଏ ?

256. Are the children going to Sevasram School?

ପିଲାମାନେ ସେବାଶ୍ରମ ବିଦ୍ୟାଳୟକୁ ଯାଉଛନ୍ତି କି ?

ପିଲାମନ୍ ସେବାଶ୍ରମ ଇସ୍‌କୁଲ୍‌କେ ଅମରାଲୋବେ କି ?

257. Are the children going to school regularly?

ପିଲାମାନେ ନିୟମିତ ବିଦ୍ୟାଳୟକୁ ଯାଉଛନ୍ତି କି ?

ପିଲାମନ୍ ସବ୍‌ଦିନ ଇସ୍‌କୁଲକେ ଅମରାଲୋବେ କି ?

258. Whether the children reading attentively?

ପିଲାମାନେ ମନଦେଇ ପଢୁଛନ୍ତି କି ?

ପିଲାମନ୍ ମନଦେଉଁନ୍ ପଢ଼ସୋତ୍ କି ?

259. Are the teachers coming to school regularly?

ଶିକ୍ଷକମାନେ ନିୟମିତ ବିଦ୍ୟାଳୟକୁ ଆସୁଛନ୍ତି କି ?

ଗୁରୁଜୀମନ୍ ସବ୍‌ଦିନ୍ ଇସ୍‌କୁଲକେ ଆଏଁସୋତ୍ କି ?

260. Are they teaching well or not ?

ସେମାନେ ଠିକ୍ ଭାବରେ ପାଠ ପଢ଼ାଉଛନ୍ତି କି ନାହିଁ ?

ଓନିମନ୍ ଆଉ ରକମ ପାଠ ପଢ଼ାସୋତ୍ କି, ନି ?

261. Is there any other Ashram School ?

ଆଉ ଅନ୍ୟ କୌଣସି ଆଶ୍ରମ ବିଦ୍ୟାଳୟ ଅଛି କି ?

ଆରି ଅଲଗ୍ କୋନି ଆଶ୍ରମ ଇସ୍କୁଲ ଆଚେ କି ?

262. How far is the Ashram School from the village ?

ଆଶ୍ରମ ବିଦ୍ୟାଳୟ ଗ୍ରାମଠାରୁ କେତେ ଦୂର ?

ଆଶରମ୍ ଇସ୍କୁଲ ଗାଓଁ ଲଗ୍‌ଲେ କିତ୍‌ରୋ ଦୂର ଆଏ ?

263. Is the school providing text books to the children ?

ବିଦ୍ୟାଳୟ ପିଲାମାନଙ୍କୁ ପାଠ୍ୟପୁସ୍ତକ ଯୋଗାଉଛି କି ?

ଇସ୍କୁଲ୍ ପିଲାମନ୍‌କେ ପାଠବହି/ପୁସ୍ତକ ମନ୍ ଦେସୋତ୍ କି/ ଦେଉଁନ୍ କି ?

264. Is there provision of mid-day meal for the children or not ?

ସେମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ଅଛି କି ନାହିଁ ?

ଓନିମନ୍ କାଙ୍କେ ମୁଣ୍ଡ ବେର୍ (ମଇଧାନ) ଖାଦିର୍ ଯୋଗାର ଆଚେ କି ନି ?

265. Are the tribal children provided with dresses ?

ଆଦିବାସୀ ପିଲାମାନଙ୍କୁ ପୋଷାକପତ୍ର ଯୋଗାଇ ଦିଆଯାଉଛିକି ?

ଆଦିବାସୀ ପିଲାମନ୍‌କେ କୁର୍ତ୍ତା ନିକର ଦେବାସୋତ୍ କି ?

266. Is there any Govt. School here?

ଏଠାରେ କୌଣସି ସରକାରୀ ବିଦ୍ୟାଳୟ ଅଛି କି ?

ଇଥାନେ କୋନି ସରକାରୀ ଇସ୍‌କୁଲ୍ ଆଚେ କି ?

267. How far is the Govt. School from the village?

ସରକାରୀ ବିଦ୍ୟାଳୟଟି ଗ୍ରାମଠାରୁ କେତେ ଦୂର ?

ସରକାରୀ ଇସ୍‌କୁଲ୍ ଗାଓଁ ଲଗ୍‌ଲେ କିତରୋ ଦୂର୍ ଆଏ ?

268. Do you know how many teachers are there?

ତୁମେ ଜାଣକି ସେଠାରେ କେତେ ଜଣ ଶିକ୍ଷକ ଅଛନ୍ତି ?

ତୁମି ଜାନାସ୍‌କି ହାଏଥାନେ କିତରୋ ଗୁରୁଜୀମନ୍ ଆଚତ୍ ?

269. Is there any non-formal education institution in your locality?

ତୁମ ଅଞ୍ଚଳରେ ଅଣଆନୁଷ୍ଠାନିକ ଶିକ୍ଷାନୁଷ୍ଠାନ ଅଛି କି ?

ତୁମରେ ଗାଓଁନେ ଘର ନିରେଲା ଇସ୍‌କୁଲ୍ ଆଚେକି ?

270. If yes, how far is it from the village?

ଯଦି ହଁ, ତେବେ ଗ୍ରାମଠାରୁ ଏହା କେତେ ଦୂର ?

ଆଲୋ ହାଁ ହାଏ ଇସ୍‌କୁଲ୍ ଗାଓଁରେ ଲଗ୍‌ଲେ କିତରୋ ଦୂର ଆଏ ?

271. Is non-formal education running well?

ଅଣଆନୁଷ୍ଠାନିକ ଶିକ୍ଷା ଭଲ ଚାଲିଛି କି ?

ଘର୍ ନିରେଲା ଇସ୍‌କୁଲ୍ ପାଠ ଆଉ ଋଲିସ୍ କି ?

272. Is there any adult education centre?

ସେଠାରେ ପ୍ରୌଢ଼ ଶିକ୍ଷାକେନ୍ଦ୍ର ଅଛି କି ?

ହାଏଥାନେ (ଡକ୍ରା-ଡକ୍ରି) ମନର ପାଠ କେନ୍ଦର୍ ଆଚେ କି ?

273. Are the adults going to the centre ?

ପ୍ରୌଢ଼ମାନେ ସେହି କେନ୍ଦ୍ରକୁ ଯାଉଛନ୍ତି କି ?

ଡକ୍ରା-ଡକ୍ରିମନ ହାଏ କେନ୍ଦ୍ରକେ ଯାଏଁସୋତ୍ କି ?

274. Is there District Primary Education Programme School in your locality ?

ସେଠାରେ ଜିଲ୍ଲା ପ୍ରାଥମିକ ଶିକ୍ଷା ଯୋଜନା ବିଦ୍ୟାଳୟ ଅଛି କି ?

ହାଏଥାନେ ଜିଲା ପାରଥମିକ ଶିକ୍ୟା ଯୋଜ୍ନା ଇସ୍କୁଲ୍ ଆଚେକି ?

275. How far is it from the village ?

ଏହା ଗ୍ରାମଠାରୁ କେତେ ଦୂର ?

ଇଥା ଗାଓଁ ଲଗ୍‌ଲେ କିତରୋ ଦୂର ଆଏ ?

276. Is there any residential school here ?

ଏଠାରେ କୌଣସି ଆବାସିକ ବିଦ୍ୟାଳୟ ଅଛି କି ?

ଇଥାନେ କୋନି ପିଲାମନକାଜେ ଘର୍‌ପରା ଇସ୍କୁଲ୍ ଆଚ୍ଚେକି ?

277. Do you pay more importance / attention on boys' education ?

ପୁଅମାନଙ୍କ ଶିକ୍ଷା ପାଇଁ ତୁମେ ଅଧିକ ଗୁରୁତ୍ୱ ଦେଉଛ କି ?

ବେଟାମନ୍‌ର ପାଠ କାଜେ ତୁମି ଖୁବେ ମନ ଦେଉଁନ୍ / ଦିଆନ ଦେଉଁନ୍ କି ?

278. Why do you pay more attention for them ?

ତୁମେ କାହିଁକି ସେମାନଙ୍କ ପାଇଁ ଅଧିକ ଗୁରୁତ୍ୱ ଦେଉଛ ?

ତୁମି କାୟକାଜେ ହୋନିମନ୍ କାଜେ ଖୁବେ ଦିଆନ୍ ଦେଇତେରାହା ?

279. Do you pay more importance / attention on girls' education ?

ଝିଅମାନଙ୍କ ଶିକ୍ଷା ପାଇଁ ତୁମେ ଅଧିକ ଗୁରୁତ୍ୱ ଦେଉଛ କି ?

ବେଟିମନର ପାଠ୍ କାଜେ ତୁମି ଖୁବେ ଦିଆନ ଦେଇତେରାହାକି ?

280. If not, why are not you paying more importance / attention ?

ଯଦି ନୁହେଁ, ତେବେ ତୁମେ କାହିଁକି ଅଧିକ ଗୁରୁତ୍ୱ ଦେଉନାହଁ ?

ନି ଆଲୋ, ତେବେ ତୁମି କାୟକାଜେ ଖୁବେ୍ ଦିଆନ୍ ନି ଦିଲିସନି ?

281. Are the children going to school regularly ?

ପିଲାମାନେ ନିୟମିତ ବିଦ୍ୟାଳୟକୁ ଯାଉନାହାନ୍ତି କି ?

ପିଲାମନ୍ ସବ୍‌ଦିନେ ଇସ୍‌କୁଲ୍‌କେ ନି ଯାଉଁନି କି? (ନି ଜାସୋତ କି ?)

282. Why not the children going to school ?

କାହିଁକି ପିଲାମାନେ ବିଦ୍ୟାଳୟକୁ ଯାଉନାହାନ୍ତି ?

କାୟ କାଜେ ପିଲାମନ୍ ଇସ୍‌କୁଲକେ ନି ଯାଉଁନ ? (ନି ଜାସୋତ) ?

283. Is not the teaching satisfactory for the children ?

ବିଦ୍ୟାଳୟରେ ପିଲାମାନଙ୍କ ପାଇଁ ଶିକ୍ଷାଦାନ ସନ୍ତୋଷଜନକ ହେଉନାହିଁ କି ?

ଇସ୍‌କୁଲ୍‌ଠାନେ ପିଲାମନ୍‌କାଜେ ପାଠଦଉଁନ୍ ମନ୍ ନି ଲାଗ୍‌ସୋତ୍ କି?

284. Is there any mistake behind teaching ?

ଶିକ୍ଷାଦାନ ପଛରେ ଅନ୍ୟ କୌଣସି ତ୍ରୁଟି ରହୁଛି କି ?

ପାଠଦାନ୍ ପାଛେ ଅଲଗ୍ କୋନି ରୋଷ ରେଲା ଆଚେ କି ?

285. Is not the method of teaching easy for the children ?

ପିଲାମାନଙ୍କ ପାଇଁ ଶିକ୍ଷାଦାନ ପ୍ରଣାଳୀ ସହଜ ହେଉନାହିଁ ?

ପିଲାମନ୍‌ର କାଜେ ପାଠଦାନର ଦାରା ସୁଜା ନି ହୋଉନ୍ କି ?

286. Don't the children follow the method of teaching ?

ପିଲାମାନେ ଶିକ୍ଷାଦାନ ଶୈଳୀକୁ ବୁଝିପାରୁନାହାନ୍ତି କି ?

ପିଲାମନ୍ ପାଠଦାନର ଗୋଟ୍‌କେ ନି ସମଝୁନ୍ 'କି ?

287. Is the teaching language difficult to understand ?

ଶିକ୍ଷାଦାନର ଭାଷା ବୁଝିବା ପାଇଁ କଷ୍ଟ ହେଉଛି କି ?

ପାଠଦାନର ଭାଷା ସମଝୁନ୍ କାଜେ ଭାରି ଢ଼ଂଡ ହୋଏସେ କି ?

288. What methods can be adopted for better teaching ?

ଭଲ ପାଠପଢ଼ା ପାଇଁ କି ପ୍ରକାର ପଦ୍ଧତି ଅବଲମ୍ବନ କରିବାକୁ ପଡ଼ିବ ?

ଆଉ ପାଠ୍‌ପଢ଼ା କାଜେ କାୟ ରକମ ଦାରା ଦରବାକେ ପଡ଼େଁସେ ?

289. What is to be done for absent students ?

ଅନୁପସ୍ଥିତ ପିଲାଙ୍କ ପାଇଁ କ'ଣ କରିବାକୁ ପଡ଼ିବ ?

ଇସ୍କୁଲ ନି ଆଏଁସେ ପିଲାମନ୍‌ର କାଜେ କାୟଟା କର୍‌ବାକେ ପଡ଼େଁତେ ?

290. What steps have the Govt. taken in this regard ?

ଏ ଦିଗରେ ସରକାର କେଉଁ ପ୍ରକାର ପଦକ୍ଷେପ ନେଉଛନ୍ତି ?

ଇ ବାଟେ ସର୍‌କାର୍ କସନ ରକମ୍ ବାଟ୍ ଫିଟାଇଲାନି ?(ଦେଖେଁସେ)

291. Are there any Self Help Groups working in your locality ?

ତୁମ ଅଞ୍ଚଳରେ ସ୍ୱୟଂ ସହାୟକ ଗୋଷ୍ଠୀ କାର୍ଯ୍ୟ କରୁଛନ୍ତି କି ?

ତୁମଘେ ଗାଓଁଲଗ୍‌ଲେ ଆପନ ସାହାଜ ଦଲ୍ କାମ୍ କରଲିସ୍ କି ?

292. How many Self Help Groups are there ?

କେତୋଟି ସ୍ୱୟଂ ସହାୟକ ଗୋଷ୍ଠୀ ଅଛନ୍ତି ?

କିତରୋ ଆପନ ସାହାଜ ଦଲ୍ ଆଚତ୍ ?

293. What is the role of Self Help Groups ?

ସେହି ସ୍ୱୟଂ ସହାୟକ ଗୋଷ୍ଠୀର ଭୂମିକା କ'ଣ ?

ହାଏ ଆପନ୍ ସାହାଜ ଦଲ କାୟ କାମ୍ କରଲିସ୍ ?

294. Which works have they carried out in your area ?

କେଉଁ କେଉଁ କାର୍ଯ୍ୟ ସେମାନେ ତୁମ ଅଞ୍ଚଳରେ କରିଛନ୍ତି ?

ଓନିମନ୍ କାୟ କାୟ କାମ୍ ତୁମ୍ହେ ଗାଓଁଲଗ୍ଲେ କରସୋତ୍ ?

295. Which new projects they have undertaken ?

କେଉଁ ନୂତନ ଯୋଜନାମାନ ସେମାନେ ନିଜ ହାତକୁ ନେଇଛନ୍ତି ?

କାୟ ନୂଆ ଯୋଜନାମନ୍ ଓନିମନ୍ ଆପନ୍ ହାତେ ଦରଲିସ୍ ?

296. Which new programmes to carry out they have decided ?

ଆଉ କେଉଁ ନୂତନ କାର୍ଯ୍ୟକ୍ରମ କରିବେ ବୋଲି ସେମାନେ ସ୍ଥିର କରିଛନ୍ତି ?

ଆରି କାୟ ନୂଆ କାମ୍‌ମନ୍ କରବାକେ ଓନିମନ୍ ଥିର କର୍‌ଲିସ୍ ?

297. What work can make you satisfy / please ?

କେଉଁ କାର୍ଯ୍ୟକ୍ରମ କରିଲେ ତୁମେ ଖୁସି ହେବ ?

କାୟ କାମ୍‌ମନ୍ କର୍‌ଲେ ତୁମି ଶରଦା ହୋଉଁସେବେ ?

298. Do you think which programme can satisfy you more ?

କେଉଁ କାର୍ଯ୍ୟକ୍ରମ ତୁମକୁ ଅଧିକ ଖୁସି ପ୍ରଦାନ କରିବା ବୋଲି ତୁମେ ଭାବୁଛ ?

କାୟ କାମମନ୍ ତମକେ ଖୁବେ ଶରଦା ଦେଏଁ ସେ ବୋଲି ତୁମି ମନ୍‌ନେ ଭାବତେରା ଆବେନା ?

299. What will happen if the women take part in different developmental activities ?

ଯଦି ସ୍ତ୍ରୀ ଲୋକମାନେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଯୋଗ ଦିଅନ୍ତି କ'ଣ ହେବ ?

ଆଲୋ ମାଏଙ୍କୁ ଲୋକମନ ଅଲଗ୍ ଅଲୁଗ ବତୁନ ହୋଉନ୍ କାମ ମନ୍‌କେ ନି ଆସତ୍ କାଏଟା ହେଏଁ ସେବେ ?

300. Will there be any problem behind it ?

ଏହା ପଛରେ କିଛି ଅସୁବିଧା ପରିଲକ୍ଷିତ ହେବ କି ?

ଇ ପାଚେ କୋନି ଅସୁବିଦା ଦଖବାର ହୋଏଁସେ କି ?

301. What is the name of the greatest festival ?

ସବୁଠାରୁ ବଡ଼ ପର୍ବର ନାମ କ'ଣ ?

ସପା ପରବ୍ / ତିହାର ନାଓଁ କାୟ ନାଓଁ ଆଏ ?

302. Do you know the names of the twelve months ?

ତୁମେ ବାର ମାସର ନାମ ଜାଣ କି ?

ତୁମି ବାର ମହିନାର ନାଓଁ ମନ୍ ଜାନେଁସେ କି ?

303. Do you know the names of the festivals according to the months ?

ତୁମେ ମାସ ଅନୁସାରେ ପର୍ବପର୍ବାଣୀର ନାମ ଜାଣ କି ?

ତୁମି ମହିନାଓ୍ବାରି ତିହାରମନର୍ ନାଓଁ ଜାନେଁସେ କି ?

304. Which festival do you observe in summer ?
ତୁମେ ଗ୍ରୀଷ୍ମଋତୁରେ କେଉଁ ପର୍ବପର୍ବାଣୀ ପାଳନ କର ?
ତୁମି ଘାମ୍ ମହିନାନେ କାୟ ତିହାରମନ୍ ମାନେଁସେ ?

305. Which festival do you observe in winter ?
ତୁମେ ଶୀତ ଋତୁରେ କେଉଁ କେଉଁ ପର୍ବ ପାଳନ କର ?
ତୁମି ଶୀତ ମହିନାନେ କାୟ କାୟ ତିହାରମନ ମାନେଁସେ ?

306. Which festival do you observe in rainy season ?
ବର୍ଷା ଋତୁରେ ତୁମେମାନେ କେଉଁ ପର୍ବପର୍ବାଣୀ ପାଳନ କର ?
ପାନି ମହିନାନେ ତୁମିମନ୍ କାୟ ତିହାରମନ୍ ମାନେଁସେ ?

307. In which month do you start sowing seeds ?
କେଉଁ ମାସରେ ତୁମେ ଶସ୍ୟ ବୁଣିବା କାର୍ଯ୍ୟ ଆରମ୍ଭ କର ?
କାୟ ମହିନାନେ ତୁମି ବୀଜା ବୁନୁଆଁ କାମ୍ ଶୁରୁ କରେଁସେ ?

308. In which month does the marriage occurs ?
କେଉଁ ମାସରେ ବିବାହ ହୋଇଥାଏ ?
କାୟ ମହିନାନେ ବିଭା କାମ୍ ହୋଇସେ ?

309. In which festival do you worship your ancestors ?
କେଉଁ ପର୍ବପର୍ବାଣୀରେ ତୁମେ ପୂର୍ବପୁରୁଷଙ୍କୁ ଆରାଧନା କର ?
କାୟ ତିହାରମନ୍ ଲଗେ ତୁମି ତୁମରେ ଆଗତୁର୍ ଦାଦି ଦୁଦାକେ ପୂଜନ୍‌ଦେସୋତ୍ ?

310. Do you know the seven days of the week ?
ତୁମେ ସପ୍ତାହର ସାତ ଦିନର ନାମ ଜାଣ କି ?
ତୁମି ହପ୍ତାର ସାତ୍‌ଦିନେର ନାଓଁ ଜାନାସ୍ କି ?

311. When does dance take place in your village ?
କେଉଁ ସମୟରେ ତୁମ ଗାଁରେ ନାଚ ହୁଏ ?
କେଢ଼େ ଦାଏଁ ତୁମରେ ଗାଓଁନେ ନାଚ୍ ହୋଏଁସେ ?

312. When do the people better food ?

କେଉଁ ସମୟରେ ଲୋକେ ଭଲ ଖିଆପିଆ କରନ୍ତି ?

କେଡ଼େ ଦାଏଁ ଲୋକ୍‌ମନ୍ ଆଉ ଖାନାପିନା କରସୋତ୍ ?

313. When do you feel much difficult ?

ତୁମେ କେତେବେଳେ ବେଶୀ କଷ୍ଟ ଅନୁଭବ କର ?

ତୁମି କେଡ଼େଦାଏଁ ଖୁବେ ଡଣ୍ଡ୍ ଅନୁଭବ କରୁଓ୍ୱାଁ ?

314. Which is the most wanted period ?

କେଉଁ ସମୟଟି ବିଶେଷତଃ ଅଭାବ ସମୟ ?

କେଡ଼େ ଦାଏଁ ଖୁବେ ଅଭାବ୍ ପଡ଼େଁସେ ?

315. Why scarce occur in those days ?

ସେହି ସମୟରେ ବେଶୀ ଅଭାବ କାହିଁକି ହୋଇଥାଏ ?

ହେଡ଼୍‌କି ବେଲା କାୟ କାଜେ ଖୁବେ ଅଭାବ୍ ହୋଏଁସେ ?

316. How does the forest help us ?

ଜଙ୍ଗଲ ଆମକୁ କେଉଁ ପ୍ରକାର ସାହାଯ୍ୟ କରିଥାଏ ?

କମଂନ ଆମମନ୍‌କେ କସନ୍ ରକମ୍ ସାହାଜ କରୁଓ୍ୱାଁ / (କରେଁସେ) ?

317. Why is the quantity of the forest decreasing day-by-day ?

ଜଙ୍ଗଲ ପରିମାଣ ଆସ୍ତେ ଆସ୍ତେ କାହିଁକି କମିବାରେ ଲାଗିଛି ?

କମନ ଉଧଡୁନ୍ ଦିରେ ଦିରେ କାୟକାଜେ ଉନା ହୋଇଗାଲାନି ?

318. What should be done for afforestation ?

ପୁନର୍ବାର ଜଙ୍ଗଲ ସୃଷ୍ଟି ପାଇଁ କ'ଣ କରିବା ଦରକାର ?

ଆରଥରେ କମନ ତୟାର କାଜେ (ଜନମଲୋ କାଜେ) କାୟଟା କରୁଓ୍ୱାଁ ଲୋଡ଼ା ?

319. Do you feel that you are the child of the nature or not ?

ତୁମେ ପ୍ରକୃତିର ସନ୍ତାନ ବୋଲି ଭାବୁଛ ନା ନାହିଁ ?

ତୁମି ମାଟିମାର ପିଲା ବୋଲି ମନେ ନି ଦରବାସୋତ୍ କି ?

320. Have you deep faith upon the ancestors ?

ତୁମେ ପୂର୍ବପୁରୁଷଙ୍କ ଉପରେ ଦୃଢ଼ ବିଶ୍ୱାସ କର କି ?

ତୁମି ତୁମରେ଼ ଆଗତୁର ଲୋକମନ୍‌ର ଉପରେ ଖୁବେ ବିଶୁଆସ କରୁଁ ସେ କି ?

321. Do you think that the ancestors help you in danger ?

ବିପଦ ସମୟରେ ପୂର୍ବପୁରୁଷମାନେ ତୁମକୁ ସାହାଯ୍ୟ କରନ୍ତି ବୋଲି ଭାବୁଂଛ କି ?

ବିପଦା ପଡୁନ ରହେ ତୁମରେ଼ ଆଗତୁର୍ ଲୋକମନ୍‌ତୋମ୍‌କେ ସାହଜ କରସୋତ ବୋଲି ଭାବନା କରାସ କି ?

322. Do the ancestors get satisfaction in your worship ?

ପୂର୍ବପୁରୁଷମାନେ ତୁମ ପୂଜାରେ ସନ୍ତୋଷ ଲାଭ କରନ୍ତି କି ?

ତୁମ୍‌ରେ଼ ଆଗତୁର ଲୋକମନ୍ ତୁମରେ଼ ପୂଜା ପରୁଓ୍ୱା' କାମ୍‌ଥାନେ ସନ୍ତୋଷ କର୍‌ସୋତ କି ?

323. Do you observe death anniversaries of your ancestors ?

ତୁମେ ପୂର୍ବପୁରୁଷମାନଙ୍କ ଶ୍ରାଦ୍ଧ ଦିବସ ପାଳନ କର କି ?

ତୁମି ତୁମ୍‌ରେ଼ ଆଗତୁର ଲୋକମନର୍ ବୁଡ୍‌ଦିନ୍ ମାନେଁସେ କି ?

324. How do you worship them death anniversaries ?

ଶ୍ରାଦ୍ଧ ଦିବସରେ ତୁମେ କିପରି ପୂଜା କର ?

ମରନ୍ ଦିନ୍ ଲଗ୍‌ଲେ ତୁମି କସନ କରି ପୂଜା ଦେଏଁସେ ?

325. Which God and Goddess are benevolent to you ?

କେଉଁ ଦେବାଦେବୀ ତୁମର ଉପକାର କରିଥାନ୍ତି ?

କୋନି ଦେବୀଦେବତା ମନ ତୋମର ଉପକାର୍ କରସୋତ୍ ?

326. Which God and Goddess are monivolent to you ?

କେଉଁ ଦେବାଦେବୀ ତୁମର ଅପକାର କରିଥାନ୍ତି ?

କୋନି ଦେବୀଦେବତା ତୋମର ନସାଏତେରହତ ?

327. Do you believe in sorcery?

ତୁମେ ଗୁଣୀଗାରେଡ଼ି ଉପରେ ବିଶ୍ୱାସ କର କି ?

ତୁମି ଗୁନିଗାର୍‌ଡ଼ି ଉପରେ ବିଶୁଆସ କରେଁସେ କି ?

328. What kind of idea do you have on sorcerer?

ଗୁଣୀଗାରେଡ଼ି କରୁଥିବା ଲୋକମାନଙ୍କ ଉପରେ ତୁମର କି ପ୍ରକାର ଧାରଣା ଥାଏ ?

ଗୁନିଆ ମନର ଉପ୍‌ରେ ତୋମର କସନ ରକମ୍ ଭାବନା ରଅତ ?

329. Do the sorcerers help others?

ଗୁଣୀଗାରେଡ଼ି କରୁଥିବା ଲୋକମାନେ ଅନ୍ୟର ଉପକାର କରନ୍ତି କି ?

ଗୁନିଆ ଲୋକମନ୍ ଅଲଗ୍ ଲୋକମନ୍‌ର ଉପ୍‌ଗାର୍ କରସୋତ୍ କି ?

330. Do the sorcesers show miracles?

ଗୁଣୀଗାରେଡ଼ି କରୁଥିବା ଲୋକମାନେ ଅଲୌକିକ କାର୍ଯ୍ୟ ଦେଖାନ୍ତି କି ?

ଗୁନିଆଲୋକମନ୍ ବିଚିତ୍‌ର କାମ୍‌ମନ ଦେଖାସୋତ୍ କି ?

331. Do they cause harm to the people?

ସେମାନେ ଲୋକମାନଙ୍କର ଅପକାର କରିଥାନ୍ତି କି ?

ଓନିମନ ଲୋକମନ୍‌କେ ନସାଇତୋ କି ?

332. Do they frighten the people?

ଲୋକମାନଙ୍କୁ ସେମାନେ ଭୟ ଦେଖାଇଥାନ୍ତି କି ?

ଲୋକ୍‌ମନ୍‌କେ ଓନିମନ୍ ଭୟ୍ ଦେଖାସୋତ୍ କି ?

333. Do you think that sorcerers are "goodmen"?

ଗୁଣୀଗାରେଡ଼ି କରୁଥିବା ଲୋକମାନଙ୍କୁ ତୁମେ ଭଲଲୋକ ବୋଲି ଭାବୁଛ କି ?

ଗୁନିଗାରଡ଼ି କରୁଓ୍ୱାଁ ଲୋକମନ୍‌କେ ତୁମି ନିକେ ଲୋକ ବୋଲି ଭାବନା କରାସ୍ କି ?

334. Do you know the name of different kinds of food ?

ତୁମେ ବିଭିନ୍ନ ପ୍ରକାର ଖାଦ୍ୟର ନାମ ଜାଣ କି ?

ତୁମି ଅଲଗ୍ ଅଲଗ୍ ଖାଦିର୍ ନାଓଁ ମନ୍ ଜାନାସ୍ କି ?

335. Do you the names of different types of drinks ?

ତୁମେ ବିଭିନ୍ନ ପ୍ରକାର ପାନୀୟର ନାମ ଜାଣ କି ?

ତୁମି ରକମ୍ ରକମ୍ ପିଉତୋ ଚିଜ୍ ମନର୍ ନାଓଁ ଜାନାସ୍ କି ?

336. How do you prepare wine ?

ତୁମେ କିପରି ମଦ ତିଆରି କର ?

ତୁମି କସନ୍ କରି ମନ୍ଦ ତୟାର କରଓ୍ଁ ? / ତୁମି କସନ କରି ମନ୍ଦ ବନାଉନ୍ ଦେ ?

337. How do you prepare beer ?

ତୁମେ କିପରି ହାଣ୍ଡିଆ ପ୍ରସ୍ତୁତ କର ?

ତୁମି କସନ କରି ଈଉର ମନ୍ଦ ବନାଉନ୍‌ଦେ ?

338. What are the objects you use for cooking ?

ତୁମେ ରୋଷେଇ ପାଇଁ କି କି ଉପକରଣ ବ୍ୟବହାର କର ?

ତୁମି ରାନ୍ଧ୍‌ବା କାଜେ କାୟ କାୟ ସାମାନମନ୍ ବାଏଁରାସୋତ୍ ?

339. Which utensils do you use in taking meals ?

ତୁମେ ଖାଦ୍ୟ ଖାଇବା ପାଇଁ କେଉଁ ପାତ୍ର ବ୍ୟବହାର କର ?

ତୁମି ଖାଦି ଖାଉନ୍ କାଜେ କୋନି କୋନି ସାମାନ ମନ୍ ବାଏଁରାସୋତ୍ ?

340. What do you use for cooking wine ?

ତୁମେ ମଦ ରାନ୍ଧିବା ପାଇଁ କ'ଣ ବ୍ୟବହାର କର ?

ତୁମି ମନ୍ଦ ରାନ୍ଧ୍‌ବା କାଜେ କାୟଟା ବାଏଁରାସୋତ୍ ?

341. What do you use for fishing ?

ତୁମେ ମାଛ ଧରିବା ପାଇଁ କ'ଣ ବ୍ୟବହାର କର ?

ତୁମି ମାଛ (ମୀନ୍) ଦରୁନ୍‌କାଜେ କାୟଟା ବାଏଁରେସେ ?

342. Do females like to wear ornaments ?

ମହିଳାମାନେ ଅଳଙ୍କାର ପରିଧାନ କରିବାକୁ ଭଲ ପାଆନ୍ତି କି ?

ମାଏଜୁମନ୍ ଅଲଙ୍କାର ପିନ୍ଧ୍‌ବାକେ ଶରଦା ପାଓତ୍ କି ?

343. What types of ornaments do they wear ?

ସେମାନେ କେଉଁ କେଉଁ ଅଳଙ୍କାର ପିନ୍ଧିଥାନ୍ତି ?

ଓନିମନ୍ କୋନିକୋନି ସୋନାମନ ପିନ୍ଧିରଅତ୍ ?

344. What is called the wearing saree of the women ?

ସ୍ତ୍ରୀ ଲୋକମାନଙ୍କର ପିନ୍ଧିବା ଲୁଗାକୁ କ'ଣ କହନ୍ତି ?

ମାଏଜୁ ମନର ପିନ୍ଧ୍‌ବା ଲୁଗାକେ କାୟଟା ବଲେସେ ?

345. Do they weave that saree themselves ?

ସେମାନେ ସେହି ଲୁଗା ନିଜେ ବୁଣିଥାନ୍ତି କି ?

ଓନିମନ୍ ଜସ ଲୁଗାକେ ଆପନ୍ ବୁନ୍‌ସୋତ କି ? (ବନାଉନ୍ କି)

346. Do you draw pictures on your walls ?

ତୁମେ ତୁମ ଘରର କାନ୍ଥରେ ଚିତ୍ରମାନ ଅଙ୍କନ କର କି ?

ତୁମି ତୋମର ଘରର ବିତିଥାନେ ବାନା ମନ୍ ଲେଖିରଅତ୍ କି ?

347. What types of pictures do you draw on your wall ?

ତୁମେ ତୁମ କାନ୍ଥରେ କେଉଁ ପ୍ରକାର ଚିତ୍ରମାନ ଅଙ୍କନ କର ?

ତୁମି ତୋମର୍ ଭୀତଲଗ୍‌ଲେ କିସନ ରକମ୍ ବାନା ମନ ଲେଖିରଅତ୍ ?

348. What is the name of your best friend ?

ତୁମର ପ୍ରିୟ ସାଙ୍ଗର ନାମ କ'ଣ ?

ତୋମର ଖୁବେ ଶରଦାର ମଇତର (ସାଙ୍ଗୁଆରୀ)ର ନାଓଁ କାୟ ନାଓଁ ଆଏ ?

349. What is the name of his village ?

ତାଙ୍କ ଗାଁର ନାମ କ'ଣ ?

ଓନ୍‌ରେ ଗାଓଁର ନାଓଁ କାୟ ନାଓଁ ଆଏ ?

350. Have you put forth any demand before the Govt. ?

ସରକାରଙ୍କ ସମ୍ମୁଖରେ ତୁମେ କିଛି ଦାବୀ ଉପସ୍ଥାପନ କରିଛ କି ?

ସରକାର ଲଗେ ତୁମି କୋନି ଗୋଠ୍ ରଖ୍‌ଲା ଆଉସ୍ କି ?

351. What do you get from the forest in summer ?

ତୁମେ ଗ୍ରୀଷ୍ମଦିନେ ଜଙ୍ଗଲରୁ କ'ଣ ପାଅ ?

ତୁମି ଘାମ୍ ଦିନେ କମ୍‌ନଲଗ୍‌ଲେ କାୟଟା ପାଓସୋତ୍ ? (ପାଉନ୍) ?

352. Do you collect sal leaves from the jungle ?

ତୁମେ ଜଙ୍ଗଲରୁ ଶାଳ ପତ୍ର ସଂଗ୍ରହ କର କି ?

ତୁମି କମ୍‌ନ୍‌ଲଗ୍‌ଲେ ସର୍ଗିପାତର ବିନ୍‌ସୋତ୍ କି ?

353. Do you take herbal medicine for fever ?

ଜ୍ୱର ହେଲେ ତୁମେ ଆୟୁର୍ବେଦିକ ଔଷଧ ସେବନ କର କି ?

ଜର ଭୋଗ୍‌ଲେ ତୁମି ଚେର୍‌ମୂଳି ଓଷ ଖାସୋତ୍ କି ?

354. Which flowers do you collect from the jungle ?

ଜଙ୍ଗଲରୁ ତୁମେ କେଉଁ କେଉଁ ଫୁଲ ସଂଗ୍ରହ କର ?

କମନ୍‌ଲଗ୍‌ଲେ / ଜଙ୍ଗଲ୍ ଲଗ୍‌ଲେ ତୁମି କୋନି କୋନି ଫୁଲମନ ବିନ୍‌ସୋତ୍ ?

355. Do you bring honey from the jungle ?

ଜଙ୍ଗଲରୁ ତୁମେ ମହୁ ଆଣ କି ?

କମନଲ୍‌ଗଲେ ତୁମି ମଉ ଚିକ୍ନ ଆନାସ୍ କି ?

356. Which fruits and roots do you collect from the jungle ?

ତୁମେ ଜଙ୍ଗଲରୁ କେଉଁ ଫଳମୂଳ ସଂଗ୍ରହ କର ?

ତୁମି କମନ୍‌ଲଗଲେ କୋନି ଫଲ୍ ମୂଲ୍ ବିନ୍‌ସୋତ୍ / ଆନାସ୍ ?

357. What type of fibre-objects do you collect from the jungle ?

ତୁମେ କେଉଁ କେଉଁ ତନ୍ତୁଜାତୀୟ ପଦାର୍ଥ ଜଙ୍ଗଲରୁ ସଂଗ୍ରହ କର ?

ତୁମି କୋନି କୋନି ଡୋରି ରକମ୍ ଚିଜ୍‌ମନ କମନ୍ ଲଗ୍‌ଲେ ବିନ୍‌ସୋତ୍ ?

358. What do you make from the fibres ?

ତନ୍ତୁଜାତୀୟ ପଦାର୍ଥରୁ ତୁମେ କ'ଣ କ'ଣ ତିଆରି କର ?

ଡୋରି ରକମ୍ ଚିଜ୍‌ମନ ଲଗଲେ ତୁମି କାୟ କାୟଟା ବନାଉନ୍‌ବେ ?

359. Do you collect Mohua flower from the forest ?

ତୁମେ ଜଙ୍ଗଲରୁ ମହୁଲ ସଂଗ୍ରହ କର କି ?

ତୁମି କମନଲଗଲେ ମହୁ ବିନ୍‌ସୋତ୍ କି ?

360. Do you make only wine from the Mohua flower ?

ତୁମେମାନେ ମହୁଲରୁ କେବଳ ମଦ ତିଆରି କର କି ?

ଆଲେ ତୁମିମନ୍ ମହୁ ଲଗ୍‌ଲେ ଖାଲି ମନ୍ଦ ବନାଉନ୍ କି ?

361. Do you get more forest produces from the jungle ?

ତୁମେ ଜଙ୍ଗଲରୁ ଅଧିକ ବନଜାତ ଦ୍ରବ୍ୟ ପାଉଛ କି ?

ତୁମି କମନ୍‌ଲଗ୍‌ଲେ ଖୁବେ କମନ୍‌ଜାତ ଚିଜ୍‌ମନ ପାଓସୋତ୍ କି ?

362. If not, what are its causes ?

ଯଦି ନୁହେଁ, ତାହେଲେ ଏହାର କାରଣ କ'ଣ ?

ନି ଆଲେ, ଇତା କାୟକାଜେ ନି ହୋଲିସ୍ ?

363. Do you collect oil seed from the forest ?

ଜଙ୍ଗଲରୁ ତୁମେ ତୈଳବୀଜ ସଂଗ୍ରହ କର କି ?

କମନ ଲଗ୍‌ଲେ ତୁମି ଚିକନ (ସିକିନ୍) ବୀଜା ବିନେ ସେକ୍ /
(ବିନ୍‌ସୋତ୍ କି) ?

364. What type of oil seed do you collect from the jungle ?

ତୁମେ କେଉଁ ପ୍ରକାର ତୈଳବୀଜ ଜଙ୍ଗଲରୁ ସଂଗ୍ରହ କର ?

ତୁମି କସନ୍ ରକମ୍ ଚିକନ୍ ବୀଜା କମନ୍‌ଲଗ୍‌ଲେ ବିନ୍‌ସୋତ୍ ?

365. Which oil seed do you get much from the forest ?

ଜଙ୍ଗଲରୁ ତୁମେ କେଉଁ ତୈଳବୀଜ ଅଧିକ ପାଇଥାଅ ?

କମନ୍‌ଲଗ୍‌ଲେ ତୁମି କୋନି ଚିକିନ୍‌ବୀଜା ଖୁବେ୍ ପାଉନ୍ ?(ପାଓସୋତ୍)

366. Do you go to the forest with your dog ?

ତୁମେ ଜଙ୍ଗଲକୁ ଗଲାବେଳେ କୁକୁରକୁ ସାଥିରେ ନେଇ ଯାଅ କି ?

ତୁମି କମ୍‌ନେ ଗେଲାବେଲେ କୁକୁର୍‌କେ ସଙ୍ଗେ ଦରି ଯାଆସ୍ କି ?

367. Do you hunt the animals only ?

ତୁମେ କେବଳ ପଶୁ ଶୀକାର କର କି ?

ତୁମି ଖାଲି ପାରଦ୍ କରାସ୍ କି ?

368. What do you do after hunting ?

ଶୀକାର ପରେ ତୁମେ କ'ଣ କର ?

ପାରଦ୍ ପାଛେ ତୁମି କାୟଟା କରୁଓ୍ଁା ସ୍ ?

369. Do you distribute the meat among the neighbours ?

ପଡୋଶୀ ମାନଙ୍କ ମଧ୍ୟରେ ତୁମେ ମାଂସ ବଣ୍ଟନ କର କି ?

ପରୋଶୀମନ୍‌ର ସଙ୍ଗେ୍ ତୁମି ମଉଁସ ବାଟାକୁଟା କରାସ୍ କି ?

370. Do you eat together in your family ?

ପରିବାରରେ ସମସ୍ତେ ମିଳିମିଶି ଭୋଜନ କର କି ?

କୁଟୁମ୍ବନେ ସପା ମିଲୁନ୍ ମିଶୁନ୍ ଖାଦି ଖାସୋତ୍ କି ?

371. Do you do other cultivation except shifting cultivation ?

ପୋଡୁଚାଷ ବ୍ୟତୀତ ତୁମେ ଜଙ୍ଗଲରେ ଅନ୍ୟ ଚାଷ କର କି ?

କମନ୍ ଜରାଉକ୍ ଋଷ ବିଗର ତୁମି କମନଲଗ୍‌ଲେ ଆରି ଅଲଗ୍ କାୟ ଋଷ କରତରହତକି ?

372. Do you get all things from the jungle ?

ତୁମେ ଜଙ୍ଗଲରୁ ପ୍ରତ୍ୟେକ ଜିନିଷ ପାଅ କି ?

ତୁମି କମନ୍‌ଲଗ୍‌ଲେ ସବ୍‌ଚିଜ୍ ମିଲାଓ କି ? (ପାଓସୋତ୍ କି ?)

373. Do you completly depend on the forest for living ?

ତୁମେ ବଞ୍ଚିବା ପାଇଁ ଜଙ୍ଗଲ ଉପରେ ସଂପୂର୍ଣ୍ଣ ନିର୍ଭର କର କି ?

ତୁମି ଜୀଉଁନା କାଜେ କମନ୍ ଉପରେ ଭରପୁର୍ ଆସ୍‌ରା କରାସ୍ କି ?

374. "Forest is the life of the tribal people". Is it true ?

"ଜଙ୍ଗଲ ଆଦିବାସୀ ମାନଙ୍କର ଜୀବନ"– ଏହା ସତ୍ୟ କି ?

କମନ୍ ଆଦିବାସୀ ଲୋକ୍‌ମନର ଜୀବନା ଆଏ - ଇ ସତ୍‌କି ?

375. Why are you cutting trees from the forest ?

ତୁମେ ଜଙ୍ଗଲରୁ ଗଛ ଗୁଡ଼ିକୁ କାହିଁକି କାଟୁଛ ?

ତୁମି କମନ୍‌ଲଗ୍‌ଲେ ପେଡ୍ ପୌଧା ମନ୍ କାୟକାଜେ ଗନ୍ଦଲାଏଁ ସେ ?

376. "Forest is everything for the tribal people". What is your personal view about this ?

"ଆଦିବାସୀମାନଙ୍କ ପାଇଁ ଜଙ୍ଗଲ ହେଉଛି ସବୁକିଛି"– ଏହି ବିଷୟରେ ତୁମର ମତ କ'ଣ ?

"ଆଦିବାସୀମନ୍‌ର କାଜେ କମନ୍ ସବ୍‌କିଛୁ ଆଏ-ଇ ସମନ୍ଦେ ତୁମରେ କାୟ ଭାବନା ଆଚେ ?

377. Do you always struggle for existence / survival ?

ତୁମେମାନେ ସବୁବେଳେ ବଞ୍ଚିବା ପାଇଁ ସଂଗ୍ରାମ କର କି ?

ତୁମିମନ୍ ସବ୍‌ବେଲେ ଜୀଉଁନାକାଜେ ଜୁଦ୍ କରୁଓ୍ୱାଁସ୍ କି ?

378. Is it possible for a tribal to live without forest ?

ଜଙ୍ଗଲ ବିନା ଜଣେ ଆଦିବାସୀ ବଞ୍ଚିବା ଅସମ୍ଭବ କି ?

ଜମନ୍ ବିଗର୍ ଗୋଟେକ୍ ଆଦିବାସୀ ଜୀଉଁନା ନି ପାରେକି ?

379. Besides Mahua which other seeds do you collect from jungle for preparing wine ?

ମହୁଲ ବ୍ୟତୀତ ତୁମେ ଅନ୍ୟ କେଉଁ ମଞ୍ଜି ମଦ ତିଆରି ପାଇଁ ଜଙ୍ଗଲରୁ ସଂଗ୍ରହ କର ?

ମହୁ ବିଗର୍ ତୁମି ଆରି କୋନିବୀଜା ମନ୍ଦ୍ ରାନ୍ଧ୍‌ବାକାଜେ ଜମନ୍‌ଲଗ୍‌ଲେ ବିନ୍‌ସୋତ୍ ?

380. What type of flowers do they collect from the forest ?

ଜଙ୍ଗଲରୁ ସେମାନେ କେଉଁ ପ୍ରକାରର ଫୁଲ ସଂଗ୍ରହ କରିଥାନ୍ତି ?

ଜମନ୍ ଲଗ୍‌ଲେ (ଠାନୁ) ଓନିମନ୍ କାସନ୍ ରକମ୍ ଫୁଲ୍‌ମନ୍ ବିନ୍‌ସୋତ୍ / ମିଲାସୋତ୍ ?

381. How many children of your family are there going to school now ?

ତୁମ ପରିବାରରୁ କେତେଜଣ ପିଲା ବର୍ତ୍ତମାନ ବିଦ୍ୟାଳୟକୁ ଯାଉଛନ୍ତି ?

ତୁମରେ କୁଟୁମ୍ ଲଗଲେ କିତରୋ ପିଲାମନ ଅବଗୋ ଇସ୍‌କୁଲ୍ କେ ଜାଏର୍‌ଅତ ?

382. Have the children stopped their study ?

ପିଲାମାନେ ପାଠପଢ଼ା ବନ୍ଦ କରିଦେଲେଣି କି ?

ପିଲାମନ୍ ପାଠପଢ଼ା ଛାଣ୍ଡିସ୍ ଦେଲାଏ କି ? (ଥାକୁନ୍ ଦେଲାଏ କି ?)

383. Why do they stop their learning / study ?

ସେମାନେ କାହିଁକି ପାଠପଢ଼ା ବନ୍ଦ କରିଦେଲେ ?

ଓନିମନ୍ କାୟକାଜେ ପାଠପଢ଼ା ଲାଣ୍ଡିସ୍ ଦେଲା ? (ଥାକୁନ୍‌ଦେଲା କି) ?

384. What are the problems with them ?

ସେମାନଙ୍କର କ'ଣ ସବୁ ଅସୁବିଧା ହୋଇଛି ?

ଓନିମନରେ କାୟ ଅସୁବିଦା ମନ୍ ହୋଏଲାବେ

385. What do they expect from you now ?

ସେମାନେ ବର୍ତ୍ତମାନ ତୁମଠାରୁ କ'ଣ ଚାହୁଁଛନ୍ତି ?

ଓନିମନ୍ ଅବଗୋ ତୁମରେ କାୟଟା ମନ୍ କରଲୋବେ ?

386. Except study do they want other works to do ?

ପାଠପଢ଼ା ବ୍ୟତୀତ ସେମାନେ ଅନ୍ୟକାମ କରିବାକୁ ଚାହୁଁଛନ୍ତି କି ?

ପାଠପଢ଼ା ବିଗର ଓନିମନ ଆରି ଅଲଗ୍ କାମ କରୁନ ମନ୍ କର୍ ଲୋବେକି ?

387. What do they want to do now ?

ସେମାନେ ବର୍ତ୍ତମାନ କ'ଣ କରିବାକୁ ଚାହୁଁଛନ୍ତି ?

ଓନିମନ୍ ଏବେ (ଅବଗୋ) କାୟଟା କରବାକେ ମନ କର୍‌ତେରଅତ୍ ?

388. Do they get peace from any other work ?

ସେମାନେ ଅନ୍ୟକାମରୁ ଶାନ୍ତି ପାଆନ୍ତି କି ?

ଓନିମନ୍ ଅଲଗ୍ କାମ୍ ଲଗ୍‌ଲେ ଶାନ୍ତି ପାଓସୋତ୍ କି ?

389. Do the government provide study materials for the tribal children ?

ସରକାର ଆଦିବାସୀ ପିଲାମାନଙ୍କ ପାଇଁ ପାଠ୍ୟଉପକରଣ ଯୋଗାଇ ଥାଆନ୍ତି କି ?

ସରକାର ଆଦିବାସୀ ପିଲାମନର କାଜେ ପାଠପଢ଼ା ସାମାନ ଦେଉଁନ୍ ଆଚତ୍ କି ?

390. Can you speak well in your native language ?

ତୁମେ ତୁମ ଭାଷାରେ ଭଲ ଭାବରେ କହିପାରିବ କି ?

ତୁମି ତୁମରଲେ ଭାସାନେ ଆଛ କରି ସାଙ୍ଗସୋତ୍ କି ? ଗୋଠ ଯାଏସେ କି ?

391. How do you address this in tribal language ?

ତୁମେ ଏହାକୁ ଆଦିବାସୀ ଭାଷାରେ କିପରି କୁହ ?

ତୁମି ଇଆକେ ଆଦିବାସୀ ଭାସାଲଗେ କସନ ସାଙ୍ଗେସେ ? ଗୋଏ ଯାଏସେ ?

392. Have the government provided you any loan ?

ସରକାର ତୁମକୁ କିଛି ଋଣ ଯୋଗାଇଛନ୍ତି କି ?

ସରକାର ତୁମରଲେ କୋନି ପଇସା କଉଡ଼ି ରନ୍ ଦେସୋତ୍ କି ?

393. Who understands your sorrows ?

କିଏ ତୁମ୍ଭମାନଙ୍କର ଦୁଃଖ ବୁଝନ୍ତି ?

କୋନି ତୁମ ମନ୍‌ରଲେ ଦୁକ୍ ସମଝସତ ?

394. How many poor people are there in your village ?

ତୁମ ଗାଁରେ କେତେଜଣ ଗରିବ ଲୋକ ଅଛନ୍ତି ?

ତୁମରଲେ ଗାଓଁ ଲଗ୍‌ଲେ କିତରୋ ଗରିବ ଲୋନି ରହସତ୍ ଆଚତ୍ ?

395. Did they get loan last year ?

ସେମାନେ ଗତବର୍ଷ ଋଣ ପାଇଥିଲେ କି ?

ଓନିମନ ପରୁ ପଇସା କଉଡ଼ି ରନ୍ ମିଲାଇରେଲାଅବେକି ?

396. Did any Minister come to your village last year ?

ତୁମ ଗ୍ରାମକୁ ଗତବର୍ଷ କୌଣସି ମନ୍ତ୍ରୀ ଆସିଥିଲେ କି ?

ତୁମ୍‌ରଲେ ଗାଓଁକେ ପରୁ କୋନି ମନ୍ତ୍ରୀ ଆସିରେଲା କି ?

397. Do you know singing?

ତୁମେ ଗୀତ ବୋଲି ଜାଣ କି ?

ତୁମି ଗୀତ ଗାଉଁନ ଜାନସୋତ୍ କି ?

398. Do the oldmen of your village get oldage pension?

ତୁମଗ୍ରାମର ବୃଦ୍ଧାମାନେ ବାର୍ଦ୍ଧକ୍ୟ ଭତ୍ତା ପାଆନ୍ତି କି ?

ତୁମଋେ ଗାଓଁଋେ ଡକ୍ରାମନ୍ ଡକ୍ରା ପଇସାକଉଡ଼ି ସାହାଜ୍ ପାଓସୋତ୍ କ ?

399. Who is your dearest fellow?

ତୁମର ଅତି ନିଜର କିଏ ?

ତୁମଋେ ଖୁବେ ପାଶର ଲୋକ୍ କୋନି ଆଏ ?

400. Do you live happily now?

ତୁମେ ବର୍ତ୍ତମାନ ସୁଖରେ ଚଳୁଛ କି ?

ତୁମି ଅବଗୋ ସୁକ୍‌ଜୀଉନା କରବା ଆଋସ୍ କି ?

# Some Polite Words & Phrases

## କେତେକ ନମ୍ର ବା ଶିଷ୍ଟାଚାର ଶବ୍ଦ ଓ ବାକ୍ୟାଂଶ

| | | |
|---|---|---|
| Please | ଦୟାକରି | ଦୟାକରୁନ୍ |
| Thanks | ଧନ୍ୟବାଦ ସହ | ସାବାସ୍ |
| Welcome | ସ୍ୱାଗତଂ / ଶୁଭାଗମନ | ପଡ଼ଘାନି |
| It's my pleasure | ଖୁସି ହୋଇ | ଖୁସ୍‌ହାଲ୍‌ନେ |
| After you | ତୁମ ପରେ | ତୋମର୍ ପାଛେ |
| Sorry | ଦୁଃଖିତ | ଦୁକ୍ ଲାଗେସେ |
| Excuse me | କ୍ଷମା କର | କ୍ଷମା କରାସ୍ |
| Pardon | କ୍ଷମା, ମାର୍ଜନା କର | କ୍ଷମା ଦିଆସ୍ |
| No mention | କିଛି କଥାନାହିଁ | କୋନି ବାତ୍ ନିଆଇ |
| Kindly | ଦୟାକରି | ଦୟାକରୁନ୍ |
| Certainly | ସୁନିଶ୍ଚିତ | ନିଚେ |
| Of course | ସମ୍ଭବତଃ | |

I am sorry, I got little late
କ୍ଷମା କରନ୍ତୁ, ମୋର ଡ଼େରି ହୋଇଗଲା ।
କ୍ଷମା କରୁଁନ୍, ମନ୍‌ରେ ନିଝଟ୍‌କେ ଆସେ ନିଗୁମଚେ ?
I am very sorrow.
ମୁଁ ବହୁତ ଦୁଃଖିତ ।
ମୋୟଁ ବହୋତ୍ / ଖୁବେ୍ ଦୁକ୍ କରେଁସେ ?
Sorry to have disturbed you.
ଆପଣଙ୍କ କାମରେ ବ୍ୟାଘାତ ଘଟାଇବାରୁ ମୁଁ ଦୁଃଖିତ ।
ତୁରେ କାମଲେ ବାଦା ଦିଲେ ମୋୟଁ ଦୁକ୍ କରେଁସେ ।
May I have your attention please ?
ଦୟାପୂର୍ବକ ଧ୍ୟାନ ଦିଅନ୍ତୁ ?
ଦେଖନା ଉନ୍‌କେ ?

Will you please move a bit ?

ଆପଣ ଟିକିଏ ଘୁଞ୍ଚିପାରିବେ କି ?

ତୁଇ ଏ ଲଗ୍‌ଲେ ଖିଣକ୍ ଗୁଚୁନ୍ ପାରୁସ୍ କି ?

I am very sorry, I couldnot make it in time ?

ମୁଁ ନିର୍ଦ୍ଧାରିତ ସମୟରେ କରି ପାରିଲି ନାହିଁ, ସେଥିପାଇଁ ଦୁଃଖିତ ।

ମୋୟଁ ଥାରୁ ବେଲାନେ କରି ସକ୍‌ଲେ ନାଇଁ, ସିଅକାଜେ ଦୁକ୍ ଲାଗ୍‌ସି ଆଚେ ?

It was all by mistake, please excuse me.

ଭୁଲରେ ଏପରି ହୋଇଗଲା, କ୍ଷମା କରନ୍ତୁ ।

ଗଲତି ନେ ମୋୟଁ ଏ କାମ୍ କରଲି, କ୍ଷମା କରା ।

Will you permit me to speak ?

ଆପଣ ମୋତେ କହିବାକୁ ଆଜ୍ଞା ଦେବେ କି ?

ତୁମିମନ ମୋକେ ବଲତୋ କାଜେ ହିମ୍ମତ ଦିଆସ୍ କି ?

Would you please let me sit ?

ଆପଣ ଦୟାକରି ମୋତେ ବସିବାକୁ ଦେବେ କି ?

ତୁମି ମୋକେ ବସ୍‌ତୋ କାଜେ ଦିଆସ୍ ?

Allow me to say.

କହିବାକୁ ଆପଣ ଅନୁମତି ଦିଅନ୍ତୁ ।

ବଲତୋ କାଜେ ତୁମି ମକେ ହିମ୍ମତ ଦିଆସ୍ ।

Let me also help you.

ଆପଣଙ୍କର କାର୍ଯ୍ୟରେ ମୋତେ ସାହାଯ୍ୟ କରିବାକୁ ଦିଅନ୍ତୁ ।

ତୁମରେ କାମନେ ମୋକେ ଭରସା ଦିଆସିନ୍ ।

Would you mind keeing a low tone please.

ଆପଣ ଦୟାକରି ଟିକିଏ ଆସ୍ତେ କହିପାରିବେ କି ?

ତୁମରେ କିଣ୍ଡିକ୍ ଦିରେ ବଲାସକି (ଗୋଠ ସାଙ୍ଗାସ୍ କି) ?

## Sentences of order & request

## ଆଦେଶ /ଅନୁମତି ଓ ପ୍ରାର୍ଥନାର ବାକ୍ୟ

| ଇଂରାଜୀ | ଓଡ଼ିଆ | ହାଲ୍‌ବୀ ରୂପ |
|---|---|---|
| Stop | ବନ୍ଦକର | ଥାକୁନ୍‌ଦେସ୍ |
| Speak | କୁହ | ବଲନା |
| Listen | ଶୁଣ | ସୁନ୍‌ତନା |
| Wait here | ଏଠାରେ ଅପେକ୍ଷା କର | ଇ ଜଗାଏ ଛନେକ୍ ଜାଗ୍ |
| Come here | ଏଠାକୁ ଆସ | ଏବାଟେ ଆଓ |
| Look here | ଏହିଆଡ଼େ ଦେଖ | ଏବାଟେ ଦଖନା |
| Take it | ଏହା ନିଅ | ଏକେ ନେ |
| Come near/here | ପାଖକୁ ଆସ | ଲଗେ ଆଓ |
| Wait outside | ବାହାରେ ଅପେକ୍ଷା କର | ଦୁଆରେ ଜାଗ୍ |
| Go up | ଉପରକୁ ଯାଅ | ଉପର୍‌କେ ଯା |
| Go down | ତଳକୁ ଯାଅ | ତଲେ ଯା |
| Get off | ଓହ୍ଲାଇ ଯାଅ | ଆଲେ ଉତର୍ |
| Be ready/get reddy | ପ୍ରସ୍ତୁତ ହୁଅ | ତିଆର୍ ହବେ |
| Be silent/keep quiet | ନୀରବ ରୁହ | ଅଗାଇ ରାହା |
| Be careful/be cautious | ସାବଧାନ | ସିଦା ସାଦା |
| Go slowly | ଧୀରେ ଚାଲ | ଦିରେ ଋଲା |

| ଇଂରାଜୀ | ଓଡ଼ିଆ | ହାଲ୍‌ବୀ ରୂପ |
|---|---|---|
| Go at once | ଶୀଘ୍ର ଯାଅ | ଜଲ୍‌ଦି ଯାଓ |
| Go straight | ସିଧା ଯାଅ | ସଲକ୍ ଯା |
| Go away/get out | ଚାଲିଯାଅ | ଖୁବେ ଦୂର ଯା |
| Clean properly | ଠିକ୍ ଭାବେ ସଫାକର | ଆଊ ସାଫ୍ କରା |
| Don't go | ଯାଅ ନାହିଁ | ନିଯାଅହୋ |
| Don't forget | ଭୁଲ ନାହିଁ | ନା ଭୁଲକି ହୋଇସ୍ |
| Don't break it | ଏହା ଭାଙ୍ଗ ନାହିଁ | ଏକେ କି ଟୁଟାଓନା |
| Don't trouble me | ମୋତେ ବିରକ୍ତ କରନ୍ତୁ ନାହିଁ | ମକେ ଇସା ତାଓନା |
| Do try again | ପୁଣି ଚେଷ୍ଟା କର | ଆର୍‌ର ଏଖାନେ କରୁନ୍ |
| Don't cut jokes | ଥଟ୍ଟା କରନାହିଁ | କେଲ୍‌କେଲ୍ ନାଇକରନା |
| Never mind | ଖରାପ ଭାବନ୍ତୁ ନାହିଁ | ନସିକିତୋ ମନକେ ନିବୁଲାଓ |
| Don't delay | ବିଳମ୍ବ କର ନାହିଁ | ଝଟକେ ଏସେ ନିଗୁମ୍‌ଚେ |
| Don't worry | ବ୍ୟସ୍ତ ହୁଅ ନାହିଁ | ତିତର ଫିକର ନିକର |
| Don't tease him | ତାକୁ ଚିଡ଼ାଅ ନାହିଁ | ତାକେ ଗଜର ଗଜର ନା ଲାଗାସି |
| Please wait a bit | ଟିକିଏ ଅପେକ୍ଷା କରନ୍ତୁ | କିଣ୍ଡିକ୍ ଜାଗ୍‌ନା |
| Please come here | ଦୟାକରି ଏଠାକୁ ଆସନ୍ତୁ | ଇଥି ଆଓନା ବାବୁ |
| Please come in | ଦୟାକରି ଭିତରକୁ ଆସନ୍ତୁ | ଆଓନା ବାବୁ ବିତରେ ଆଓ |
| Please be seated | ଦୟାକରି ଆସନ ଗ୍ରହଣ କରନ୍ତୁ | ଆଓନା ବାବୁ କିଣ୍ଡିକ୍ ବସାନ୍ |

| ଇଂରାଜୀ | ଓଡ଼ିଆ | ହାଲ୍‌ବୀ ରୂପ |
|---|---|---|
| Please reply | ଦୟାକରି ଉତ୍ତର ଦିଅନ୍ତୁ | ଆଲେ ବାବୁ ଜବାବ୍ ଦେସ୍ |
| Please sign here | ଦୟାକରି ଏଠାରେ ସ୍ୱାକ୍ଷର କରନ୍ତୁ | ଆଲେ ବାବୁ ଇଲଗେ ଦସକତ୍ କରାସ୍ |
| Please stay a little longer | ଦୟାକରି ଆଉ ଟିକିଏ ରୁହନ୍ତୁ | ଆଲେ ବାବୁ ଆଗି କିଣ୍ଡିକ ଜାଗା ରାହାବେ |
| As you like/As you please | ଯାହା ଆପଣଙ୍କ ଇଚ୍ଛା | ତୋର ହିସାବିନେ କାଜ କରଲ ଆଚି ଏଲେ କର |
| Please come again | ଦୟାକରି ପୁଣି ଆସନ୍ତୁ | ଦଖନା ତକେ ଇ ବଲ୍ଲୁନ ତୁଇଆଓ |
| Keep your home clean | ନିଜ ଘର ସଫା ରଖନ୍ତୁ | ତୋର ଘରକେ ତୁଇ ସାଫ୍ କର। |
| Follow me / come with me | ମୋତେ ଅନୁସରଣ କର | ମୋର ପାଛ ପାଟ ଆଓ |
| Vacate the place | ଯାଗା ଖାଲି କର | ଜାଗାକେ ଛାଣ୍ଡୁସ୍ |
| Watch him | ତାଙ୍କୁ ଲକ୍ଷ୍ୟ ରଖ | ଓନ୍‌କେ ଦଖ୍ |
| Don't be silly | ବୋକା ବା ପାଗଳ ହୁଅ ନାହିଁ | ବୟା ହୋ ନା |
| Take care of him/ her | ତାଙ୍କର ଯତ୍ନ ନିଅ | ଓନ୍‌କେ ଯତ୍‌ନାଉନେ |
| Think before you speak | ବୁଝି ବିଚାରି କୁହନ୍ତୁ | ଦଖନା ବିଘର କରୁନ୍ ସାଙ୍ଗସେ |
| Come soon | ଚଞ୍ଚଳ ଆସ | ଝଟ୍‌କେ ଆଓ |
| Mind your own busineess | ନିଜ କାମ କର | ଖୁଦ୍‌ରୈ କାମକେ କରା |
| Go ahead | ଆଗକୁ ଚାଲ | ଆଗେ ଘଲ |

| ଇଂରାଜୀ | ଓଡ଼ିଆ | ହାଲ୍‌ବୀ ରୂପ |
|---|---|---|
| Look ahead | ଆଗକୁ ଦେଖ | ଆଗେ୍ ଦଖ୍ |
| May I come in | ମୁଁ ଭିତରକୁ | ମୋୟଁ ବିତରେ ଏୟୁ ଆଏନା ? |
| Yes, You may | ହଁ, ତୁମେ ଆସିପାର । | ହାଁ, ତୁଇ ଆଓ |
| Good morning, Sir | ନମସ୍କାର, ଆଜ୍ଞା | ଜୋଆର୍ ମାପ୍ରୁ |
| Good morning | ନମସ୍କାର | ଜୋଆର |
| Please sit here | ଦୟାକରି ଏଠାରେ ବସନ୍ତୁ | ଏଲଙ୍ଗେ ବସନା |
| Your name please | ଦୟାକରି ଆପଣଙ୍କ ନାମ କହିବେ କି ? | ଆଲେ ବାବୁ ନିଜର ନାମକେ ସାଙ୍ଗୁସ୍ ସକ୍‌ସେ କି ? |
| Where are you from ? | ଆପଣ କେଉଁଠାରୁ ଆସିଛନ୍ତି ? | ତୁଇ କୋନ୍‌ଲଗଲେ ଇଲିସ୍ ? |
| How are you ? | ଆପଣ କିପରି ଅଛନ୍ତି ? | ତୁଇ ଆଉ ଆଚୁସ୍ କି ? |
| What is the matter ? | କଥା କ'ଣ ? | କାୟ ଗୋଟ୍ ଆନୋ ? |
| Are all well there ? | ସେଠାରେ ସମସ୍ତେ ଭଲ ଅଛନ୍ତି ତ ? | ଓଥାନେ ସବ୍‌ଲୋକ ଆଉ ଆଥାନେ କି ? |
| How are you ? | ଆପଣଙ୍କ ଖବର କ'ଣ ? | ତୁଚେ କାୟ ଖବର ଆଚେ ? |
| How are the children ? | ପିଲାମାନେ କିପରି ଅଛନ୍ତି ? | ପିଲାମନ୍ କସନ୍ ଆଚତ ? |
| What are you doing now ? | ଆପଣ ଏବେ କ'ଣ କରୁଛନ୍ତି ? | ଏବେ ତୁଇ କାୟ କରସିତ୍ ? |

| ଇଂରାଜୀ | ଓଡ଼ିଆ | ହାଲ୍‌ବୀ ରୂପ |
|---|---|---|
| What are you looking for ? | ଆପଣ କ'ଣ ଖୋଜୁଛନ୍ତି ? | ତୁଇ କାୟ ଖେଲ ଦେମଲସିଚ୍ |
| What do you eat today ? | ଆପଣ ଆଜି କ'ଣ ଖାଇଛନ୍ତି ? | ତୁଇ ଆଜି କାୟ ଖାଦ୍‌ଲିସ୍ ? |
| Did you come here before ? | ଆପଣ ପୂର୍ବରୁ ଏଠାକୁ ଆସିଥିଲେ କି ? | ତୁଇ ଆଗେ ଏବାଟେ ଏଗ୍ ରେଲିସ୍ କି ? |
| What is about the village ? | ଗାଁ ଖବର କ'ଣ ? | ତୁଣ୍ଡେ ଗାଓଁ କାୟହାଲ୍‌ଉଲ ? |
| What did you say ? | ଆପଣ କ'ଣ କହିଲେ ? | ତୁଇ କାୟ ହାଲଉଲ ? |
| Is the village climate well ? | ଗାଁର ଜଳବାୟୁ ଭଲ ତ ? | ଗାଓଁରେ ମୌସମ ଆଉକି ? |
| It is fine | ଏହା ଭଲ । | ଏ ଆଉ ଆଏ । |